## ସଂକ୍ଷେପରେ

### ପୁସ୍ତକ 'ରଙ୍ଗ ତୂଳୀର ଜୀବନ' ଲୋକାର୍ପିତ

**କଟକ ଅଫିସ, ୧୦ା୯:** କଟକ ଆୟକର କମିଶନରଙ୍କ କାର୍ଯ୍ୟାଳୟ ପରିସରରେ ଗାଳ୍ପିକା ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ ରଚିତ ଗଳ୍ପ ପୁସ୍ତକ 'ରଙ୍ଗ ତୂଳୀର ଜୀବନ' ଶୁକ୍ରବାର ଲୋକାର୍ପିତ ହୋଇଯାଇଛି। ମୁଖ୍ୟ ଆୟକର କମିଶନର ମନୋରଞ୍ଜନ ପାଣିଗ୍ରାହୀ ଏହାକୁ ଲୋକାର୍ପିତ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ପ୍ରଫେସର ବିଜୟାନନ୍ଦ ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିତ୍ତରଞ୍ଜନ ପାଣିଗ୍ରାହୀ, ମଞ୍ଜୁଳା ତ୍ରିପାଠୀ, ଅଭିନେତା ସୁରେଶ ମିଶ୍ର, ସନ୍ତୋଷ ପଣ୍ଡା, କମଳ ମାହୁନ୍ତ, ଅର୍ମାନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ ।

### ଯୋବ୍ରା ହାଇସ୍କୁଲ ପରିଦର୍ଶନ କଲେ ସିଏମ୍‌ସି କମିଶନର

**କଟକ ଅଫିସ.୧୦ା୯:** ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିଥିବା ଯୋବ୍ରା ଉଚ୍ଚ ବିଦ୍ୟାଳୟକୁ କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନନ୍ୟା ଦାସ ଗଣେଶ ପୂଜା ଅବସରରେ ଶୁକ୍ରବାର ପରିଦର୍ଶନ କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ଅମରେଶ କୁମାର ମହଲାଙ୍କ ଅଧ୍ୟକ୍ଷତାରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟର ଉନ୍ନତି ନିମନ୍ତେ ପ୍ରସ୍ତାବିତ ସ୍ମାର୍ଟ କ୍ଲାସରୁମ, ଇ-ଲାଇବ୍ରେରି, ବିଜ୍ଞାନାଗାର ନିର୍ମାଣ ଓ ବ୍ୟାଡମିଣ୍ଟନ କୋର୍ଟ ସ୍ଥାପନ ନିମନ୍ତେ ଆବଶ୍ୟକ ସାହାଯ୍ୟ ଯୋଗାଇ ଦେବାକୁ କମିଶନର ପ୍ରତିଶ୍ରୁତି ଦେଇଛନ୍ତି। ଶିକ୍ଷକ ରବୀନ୍ଦ୍ର ପ୍ରଧାନ, ପୁରାତନ ବିଦ୍ୟାର୍ଥୀ ପରିଷଦ ସମ୍ପାଦକ ଶୁଭେନ୍ଦୁ ମହାନ୍ତି, ଧନେଶ୍ୱର ଦାସ, ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷା ଦିପାଳୀ ପୋଦ୍ଦାର, ଅମ୍ବିକା ସାମଲ, ସଂଯୁକ୍ତା ପାତ୍ର, ଉଷାରାଣୀ ବେହେରା, ଶ୍ୟାମ ହୋତା, ଜ୍ଞାନ ରାୟ, ରାକେଶ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଭାସ୍କର ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

### ମା' ମଙ୍ଗଳା ମନ୍ଦିର ଉଦ୍‌ଘାଟିତ

**କଟକ ଅଫିସ, ୧୦ା୯:** କଟକ କଫଲାବଜାରଠାରେ ମା' ମଙ୍ଗଳା ମନ୍ଦିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୀବନବିନ୍ଦୁ ସଂଯୋଜକ ରଞ୍ଜନ ବିଶ୍ୱାଳ, କଟକ ଜିଲା ଛାତ୍ର ବିଜେଡି ସଭାପତି ଆସିଫ ଅମିନ, ମା' ମଙ୍ଗଳା ପଞ୍ଚାୟତ କମିଟି ସଭାପତି ଗୌରବ ନାୟକ, ଦୀପକ ନାୟକ, ମାନସ ନାୟକ, ଗଜେନ୍ଦ୍ର ନାୟକ, ସିଦ୍ଧାର୍ଥ ନାୟକ ପ୍ରମୁଖ ଯୋଗଦେଇଥିଲେ।

### ଗୋଷ୍ଠୀଗୃହ ଭିତ୍ତିପ୍ରସ୍ତର ସ୍ଥାପନ

**କଟକ ଅଫିସ, ୧୦ା୯:** ସିଡିଏ ସେକ୍ଟର-୮ ସ୍ଥିତ ଶିବମନ୍ଦିର ନିକଟରେ ଏକ ନୂତନ ଗୋଷ୍ଠୀଗୃହ ନିର୍ମାଣ ହେବ। ଏଥିପାଇଁ ବିଧାୟକ ଇଂ. ମହମ୍ମଦ ମୋକିମ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସେକ୍ଟର-୮ ଆବାସିକ ସଂଘ ସଭାପତି ଆଇନଜୀବୀ ଶାନ୍ତନୁ ଦାସ, ସମ୍ପାଦକ ଲକ୍ଷ୍ମୀଧର ମହାନ୍ତି, ଆଇନଜୀବୀ ଅକ୍ଷୟ ନାୟକ, ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ନିତ୍ୟାନନ୍ଦ ରାଉତରାୟ, ରମେଶ ବେହେରା, ସୁରେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ମୋକିମ ସିଡିଏ ସେକ୍ଟର-୮ ଓ ୯ ଅଞ୍ଚଳ ପରିଦର୍ଶନ କରିବା ସହ ରାସ୍ତାଘାଟ, ପରିମଳ ଓ ବିଦ୍ୟୁତ୍ ବ୍ୟବସ୍ଥା ସମ୍ପର୍କରେ ଲୋକଙ୍କଠାରୁ ପଚାରି ବୁଝିଥିଲେ। ଆଖଣ୍ଡଳମଣି ମହିଳା ସମିତି କର୍ମକର୍ତ୍ତାମାନେ ନାଳପାଣି ନିଷ୍କାସନ ନ ହୋଇପାରି ରାସ୍ତାରେ ମାଡୁଥିବା ଅଭିଯୋଗ କରିଥିଲେ। ଏହାର ତୁରନ୍ତ ପ୍ରତିକାର ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ମୋକିମ ଫୋନ୍‌ରେ ନିର୍ଦ୍ଦେଶ ଦେଇଥିଲେ।

# ପାର୍ବଣ ଆରମ୍ଭରୁ ଭିଡ଼ ବଢ଼ିଲାଣି

**ଭୁବନେଶ୍ୱର, ୧୦ା୯ (ବ୍ୟୁରୋ)**

ଆରମ୍ଭ ହେଲାଣି ପାର୍ବଣ ଋତୁ। ଗଣେଶ ପୂଜା ପରେ ପରେ ନୂଆଖାଇ, ବିଶ୍ୱକର୍ମା ପୂଜା, ଦଶହରା ଆଦି ପୂଜା ପାର୍ବଣ ଆସୁଥିବାରୁ ଚଳଚଞ୍ଚଳ ହୋଇ ଉଠିଲାଣି ରାଜଧାନୀ। ସହରର ପ୍ରମୁଖ ଛକ ସ୍ଥାନଗୁଡ଼ିକରେ ଥିବା ଶପିଂମଲ୍, କମ୍ପ୍ଲେକ୍ସ ବଜାରଗୁଡ଼ିକରେ ଦିନକୁ ଦିନ ଅସମ୍ଭାଳ ଭିଡ଼ ହେଉଥିବାର ଦେଖିବାକୁ ମିଳୁଛି। ପାର୍ବଣ ଆସିବା ଫଳରେ ଲୋକଙ୍କୁ ଏକପ୍ରକାର ସତର୍କ କରାଇଦେଇଛି। ବିଶେଷକରି କଟକ ରୋଡ ଅଞ୍ଚଳରେ ହୋଟେଲଠାରୁ ଆରମ୍ଭ କରି ବିଭିନ୍ନ ଦୋକାନ ରହୁଥିବାରୁ ରବିବାର ବ୍ୟତୀତ ଦେଇ ଅନ୍ୟ ସମସ୍ତ ଦିନରେ ଏଠାରେ ସକାଳଠାରୁ ରାତି ପର୍ଯ୍ୟନ୍ତ ପ୍ରବଳ ଭିଡ଼ ରହୁଛି। ଏବେଠାରୁ ସ୍ଥିତି ଏପରି ଥିବାବେଳେ ଦଶହରା ସମୟରେ ଭିଡ଼ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇ ପଡ଼ିବ। କାରଣ କଟକ ରୋଡ ଅଞ୍ଚଳରେ ସହରର ସବୁଠାରୁ ଅଧିକ ମା' ଦୁର୍ଗାଙ୍କର ମୂର୍ତ୍ତି ପୂଜା କରାଯାଇଥାଏ। ପୁରୁଣା ଷ୍ଟେଶନ ବଜାରଠାରୁ ଆରମ୍ଭ କରି ଲକ୍ଷ୍ମୀସାଗର ଛକ, କଟକରୋଡ୍, ଝାରପଡ଼ା, ବମିଖାଲ, ରସୁଲଗଡ଼, ପଳାଶୁଣି ଏହି ଅଞ୍ଚଳଗୁଡିକରେ ପୂଜା କମିଟିଗୁଡ଼ିକ ପକ୍ଷରୁ ମଣ୍ଡପରେ ପୂଜା ହୋଇ ଆସୁଛି। ଏ ସମସ୍ତ ଅଞ୍ଚଳକୁ ଯିବା ପାଇଁ କଟକରୋଡ୍ ଏକ ମୁଖ୍ୟ ସଂଯୋଗ ପଥ। ତେଣୁ ପୂଜା ସମୟରେ ଏହି ଅଞ୍ଚଳରେ ଭିଡ଼ ନିୟନ୍ତ୍ରଣ କରିବା ଅସମ୍ଭବ ହୋଇ ପଡ଼ିବ ବୋଲି ଆଶଙ୍କା କରାଯାଉଛି।



ଭୁବନେଶ୍ୱର ମାର୍କେଟ୍ ବିଲ୍‌ଡିଂରେ ଲୋକଙ୍କ ଗହଳି।

- ବେପରୁଆ ରାଜଧାନୀବାସୀ
- କଟକଣା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଜରୁରୀ

ଅପରପକ୍ଷେ କରୋନା ପାଇଁ ଗତ କିଛି ମାସ ହେବ ରାଜଧାନୀବାସୀ କଟକଣାରେ ରହିଥିଲେ। ମାର୍କେଟଠାରୁ ଆରମ୍ଭ କରି ମନ୍ଦିର ପର୍ଯ୍ୟନ୍ତ ସବୁକିଛି ବନ୍ଦ ରହିଥିଲା। ମାତ୍ର ସଂକ୍ରମଣ କିଛି ମାତ୍ରାରେ ହ୍ରାସ ପାଇବା ପରେ ସରକାର ସହରରୁ କଟକଣା ହଟାଇବା ସହ ସାପ୍ତାହିକ ଶଟ୍‌ଡାଉନ୍‌କୁ ସମ୍ପୂର୍ଣ୍ଣରୂପେ ହଟାଇ ଦେଇଛନ୍ତି। ସେହିପରି ଦୋକାନ ବଜାର ମଧ୍ୟ ସକାଳ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଖୋଲିବାକୁ ଅନୁମତି ମିଳିଛି। ଏହାର ସୁଯୋଗ ନେଇ ଲୋକମାନେ ବେପରୁଆ ହୋଇ ଗଲେଣି। ଆଗକୁ ପର୍ବ ଆସୁଥିବାରୁ ବିଭିନ୍ନ ମାର୍କେଟ, ଶପିଂ ମଲ୍ ସବୁଆଡ଼େ ଭିଡ ଦେଖା ଦେଉଛି। ସାମାଜିକ ଦୂରତା ତ ଦୂର କଥା ଲୋକମାନେ ମାସ୍କ ପିନ୍ଧିବାକୁ ମଧ୍ୟ ଭୁଲି ଗଲେଣି। ଫଳରେ ଗତ କିଛିଦିନ ହେବ ୧୫୦ରୁ ୨ଶହ ମଧ୍ୟରେ ରହୁଥିବା କରୋନା ସଂକ୍ରମଣ ଏବେ ପୁଣି ଉପରମୁହାଁ ହେବାକୁ ଲାଗିଛି। ଗତ ୨୪ଘଣ୍ଟାରେ ସହରରୁ ୨୮୮ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସହରବାସୀଙ୍କ ଏପରି ବେପରୁଆ ମନୋଭାବ ପାଇଁ ଆଗକୁ ସ୍ଥିତି ବିଗିଡିବାର ଆଶଙ୍କା ରହିଛି। ପାର୍ବଣ ପାଇଁ ବିଏମ୍‌ସି ପକ୍ଷରୁ କଟକଣା ଜାରି କରାଯାଇଥିଲେ ମଧ୍ୟ ସହରରେ ଗହଳି କମାଇବା ପାଇଁ ବିଏମ୍‌ସି ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଦୀପ ଜାଳି ପାର୍ବଣ ନିଷ୍ପତ୍ତିକୁ ବିରୋଧ




ବକ୍ସିବଜାର ଯୁବକ ସଂଘ ପକ୍ଷରୁ ବକ୍ସିବଜାରଠାରେ ସାମୂହିକ ଦୀପଦାନ।

**କଟକ ଅଫିସ, ୧୦ା୯**

ମଣ୍ଡପରେ ୪ ଫୁଟ ମଧ୍ୟରେ ମା'ଙ୍କ ମୂର୍ତ୍ତି ନିର୍ମାଣ କରିବା ଓ ପରଦା ଟାଣି ପୂଜା କରିବା ନିଷ୍ପତ୍ତିକୁ ସରକାର ବଳବତ୍ତର ରଖିଛନ୍ତି। ଏହାକୁ ନେଇ କଟକ ସହରବାସୀଙ୍କ ମନରେ ନୈରାଶ୍ୟ ଭାବ ଦେଖାଦେଇଛି। କଟକିଆଙ୍କ ଆବେଗକୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ଶୁକ୍ରବାର ବକ୍ସିବଜାର ଯୁବକ ସଂଘ, କୁମ୍ଭାରସାହି ଓ ସୁବେଦାର ସାହିର ବହୁ ସଂଖ୍ୟକ ଯୁବକ ବକ୍ସିବଜାର ଛକଠାରେ ସମୂହ ଦୀପଦାନ କରିଥିଲେ। ଏଥିସହ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ସତ୍ୟରାମ ସାହୁ, ଶତ୍ରୁଜିତ ଦାସ, ସୟେଦ ସାହାନୱାଜ ଅଲ୍ଲୀ, ରତନ କୁମାର ବେହେରା, ଦିଗ୍‌ବିଜୟ ମହାନ୍ତି, ଋତ୍ୱିକ ଦାସ, ଘନଶ୍ୟାମ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଆଜି ଲଣ୍ଡା ହୋଇ ପ୍ରତିବାଦ

ସରକାରଙ୍କ ପୂଜା ନିଷ୍ପତିକୁ କଟକର ସାମାଜିକ ସଙ୍ଗଠନ ତୀବ୍ର ବିରୋଧ କରିଛନ୍ତି। ସରକାର ନିଷ୍ପତ୍ତି ପରିବର୍ତ୍ତନ କରିବା ଦାବିରେ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଶନିବାର କଟକ ଗଡ଼ଗଡିଆ ଘାଟରେ ଅଭିନବ ଉପାୟରେ ପ୍ରତିବାଦ କରାଯିବ। ସାମାଜିକ ସଙ୍ଗଠନର କର୍ମକର୍ତ୍ତାମାନେ ଲଣ୍ଡା ହୋଇ ପ୍ରତିବାଦ କରିବେ ବୋଲି ଜୟ ଜଗନ୍ନାଥ ସେବା ସମିତି ସଙ୍ଗଠନର ସଭାପତି ମନୋଜ ପଣ୍ଡା କହିଛନ୍ତି।

## ଚାଟ୍ ଖାଇବାକୁ ନେଇ ଗୋଷ୍ଠୀ ସଂଘର୍ଷ

**ବାରଙ୍ଗ,୧୦ା୯ (ଡି.ଏନ୍.ଏ.)**

ନନ୍ଦନକାନନ ଥାନା ଅନ୍ତର୍ଗତ ଗଣ୍ଡରପୁର ଗ୍ରାମ ହାଇସ୍କୁଲ ଛକରେ ଥିବା ଏକ ଚାଟ୍ ଦୋକାନରେ ଚାଟ୍ ଖାଇବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି। ଶୁକ୍ରବାର ସନ୍ଧ୍ୟାବେଳେ ଏହି ଚାଟ୍ ଦୋକାନରେ ଗଣ୍ଡରପୁର ଓ କଲ୍ୟାଣପୁର ଗ୍ରାମର ଯୁବକ ଖାଇବା ଲାଗି ଛିଡ଼ା ହୋଇଥିଲେ। ଚାଟ୍ ଖାଇବା ସମୟରେ କୌଣସି କାରଣକୁ ନେଇ ପରସ୍ପର ମଧ୍ୟରେ ବଚସା ହୋଇଥିଲା। ପରେ ତାହା ଉଗ୍ରରୂପ ନେଇ ଉଭୟ ଗ୍ରାମର ଯୁବକମାନେ ପରସ୍ପର ଟେକା ପଥର ଫିଙ୍ଗାଫିଙ୍ଗି ସହ ମାରପିଟ ହୋଇଥିଲେ। ଏଥିରେ କେତେଜଣ ଯୁବକଙ୍କର ମୁଣ୍ଡ ଫାଟି ରକ୍ତ ବାହାରିଥିବାବେଳେ ଅନ୍ୟ କେତେଜଣ ଆହତ ମଧ୍ୟ ହୋଇଛନ୍ତି। ଖବରପାଇ ଘଟଣାସ୍ଥଳରେ ନନ୍ଦନକାନନ ଥାନା ପୋଲିସ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଛି।

## ଫଳ ବ୍ୟବସାୟୀଙ୍କଠାରୁ ୪ଲକ୍ଷ ଲୁଟ୍

**ବାରଙ୍ଗ,୧୦ା୯(ଡି.ଏନ୍.ଏ.)**

ବାରଙ୍ଗ ଥାନା ଅଞ୍ଚଳରେ ଶୁକ୍ରବାର ରାତିରେ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ଜଣେ ଫଳ ବ୍ୟବସାୟୀଙ୍କଠାରୁ ନଗଦ ୪ଲକ୍ଷ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଛି। ଏହି ଥାନା ଦାଢ଼ାପାଟଣା ଗାଁର ବାବୁଲି ସାହୁ ବାରଙ୍ଗ ବଜାରରେ ହୋଲ୍‌ସେଲ ଫଳ ବ୍ୟବସାୟ କରନ୍ତି। ରାତ୍ରି ୯ଟା ପରେ ଦୋକାନ ବନ୍ଦକରି ୪ଲକ୍ଷ ଟଙ୍କା ଥିବା ବ୍ୟାଗକୁ ନେଇ ସେ ଘରକୁ ଫେରୁଥିଲେ। ଘର ପାଖରେ ପହଞ୍ଚିବା ସମୟରେ ଅନ୍ଧାରରେ ହଠାତ୍ ଜଣେ ଦୁର୍ବୃତ୍ତ ବାଇକ୍‌ରେ ଆସି ବାବୁଲି ଧରିଥିବା ଟଙ୍କା ବ୍ୟାଗଟିକୁ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ସେ କିଛିବାଟ ପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ପିଛା କରିଥିଲେ ମଧ୍ୟ ନ ପାଇ ଶେଷରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନାଠାରୁ ମାତ୍ର ୧କିମି ଦୂରରେ ଏହି ଘଟଣା ଘଟିଥିବାରୁ ବ୍ୟବସାୟୀମାନେ ସୁରକ୍ଷିତ ମଣୁନାହାନ୍ତି।

## ଘର ଭିତରୁ ଗଳିତ ମୃତଦେହ ଜବତ

**ସାଲେପୁର,୧୦ା୯ (ଡି.ଏନ.ଏ)**

ସାଲେପୁର ଥାନା ଅଧୀନ ଉତ୍ତର ବଟେଶ୍ୱର ଗ୍ରାମର ଏକ ଘରୁ ପ୍ରଦୀପ୍ତ ମିଶ୍ର (୫୧)ଙ୍କ ଗଳିତ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ପ୍ରଦୀପ୍ତଙ୍କ ପରିବାରର ଅନ୍ୟ ସଦସ୍ୟମାନେ ବାହାରେ ରହୁଥିବା ବେଳେ ସେ ଏହି ଘରେ ଏକୁଟିଆ ରହୁଥିଲେ। ଶୁକ୍ରବାର ଉକ୍ତ ଘରୁ ଦୁର୍ଗନ୍ଧ ବାହାରିବାରୁ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଉକ୍ତ ଘରର କବାଟ ଭାଙ୍ଗିବା ପରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୨୩/୨୧) ରୁଜୁ ହୋଇଛି।

## ନନ୍ଦନକାନନରେ ବଢୁଛି ପର୍ଯ୍ୟଟକ ସଂଖ୍ୟା

**ବାରଙ୍ଗ,୧୦ା୯(ଡି.ଏନ୍.ଏ.)**

କୋଭିଡ କଟକଣା କୋହଳ ହେବାପରେ ନନ୍ଦନକାନନରେ ଦିନକୁ ଦିନ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ଗଣେଶ ପୂଜାରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବୁଲିଛନ୍ତି ୬୯୨୦ଜଣ ପର୍ଯ୍ୟଟକ। ସେମାନଙ୍କ ମଧ୍ୟରେ ନନ୍ଦନକାନନ ଟିକଟ କାଉଣ୍ଟରରେ ୬୮୩୨ ଓ ଅନ୍‌ଲାଇନ ମାଧ୍ୟମରେ ୮୮ଜଣ ପର୍ଯ୍ୟଟକ ଟିକେଟ କରିଥିଲେ। ସେହିପରି ବଟାନିକାଲ ଗାର୍ଡେନକୁ ୬୭୦ଜଣ ପର୍ଯ୍ୟଟକ ବୁଲି ଆସିଥିଲେ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଡ.ସଞ୍ଜିତ କୁମାର ସୂଚନା ଦେଇଛନ୍ତି। କରୋନା କଟକଣା ପାଇଁ ପର୍ଯ୍ୟଟକଙ୍କ ନିମନ୍ତେ ନନ୍ଦନକାନନ ମେ ପହିଲାରୁ ବନ୍ଦ ରଖାଯାଇଥିଲା। ଅଗଷ୍ଟ ୩ତାରିଖରେ ଉଭୟ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ଖୋଲିଥିଲା। ପ୍ରଥମ ଦିନରେ ୧୩୭୫ଜଣ ପର୍ଯ୍ୟଟକ ନନ୍ଦନକାନନ ବୁଲିବାକୁ ଆସିଥିଲେ। ସେହିଦିନଠାରୁ ଏପର୍ଯ୍ୟନ୍ତ ୮୭ହଜାର ୪୮୭ଜଣ ପର୍ଯ୍ୟଟକ ବୁଲିବାକୁ ଆସିଥିବାବେଳେ ଅଗଷ୍ଟ ମାସରେ କେବଳ ୫୦ହଜାର ୪୭୧ଜଣ ପର୍ଯ୍ୟଟକ ଆସିଥିଲେ ବୋଲି ଉପନିର୍ଦ୍ଦେଶକ କହିଛନ୍ତି।

## ସିପିଆଇ(ଏମ୍)ର ନେତୃମଣ୍ଡଳୀଙ୍କୁ ଆକ୍ରମଣ ପ୍ରତିବାଦରେ ଶୋଭାଯାତ୍ରା




ସିପିଆଇ(ଏମ୍) ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

**ଟାଙ୍ଗୀ(କଟକ), ୧୦ା୯(ଡି.ଏନ୍.ଏ.)**

ତ୍ରିପୁରାରେ ଭାଜପା ଓ ଆର୍‌ଏସ୍‌ଏସ୍ କର୍ମୀ ସିପିଆଇ(ଏମ୍)ର ନେତୃମଣ୍ଡଳୀଙ୍କୁ ମାଡ ମାରି ଗୁରୁତର କରିବା ପ୍ରତିବାଦରେ ଶୁକ୍ରବାର ଚୌଦ୍ୱାର ଥାନା ଅନ୍ତର୍ଗତ ଗାନ୍ଧୀଛକଠାରେ ସିପିଆଇ(ଏମ୍) ପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ କର୍ମୀ ଯୋଗଦେଇ ଭାଜପା ବିରୋଧରେ ନାରାବାଜି ଦେଇଥିଲେ। ପରେ ଗାନ୍ଧୀଛକଠାରେ ଏକ ସଭା ହୋଇଥିଲା। ଗତ ୭ତାରିଖରେ ତ୍ରିପୁରାରେ କେନ୍ଦ୍ର ସରକାରଙ୍କ ସିଏଏ, କୃଷକ ଓ ଶ୍ରମିକ ବିରୋଧୀ ଆଇନ, ବେକାରି ସମସ୍ୟା ଓ ମନିଟାଇଜେସନ ନାମରେ ଜାତୀୟ ସମ୍ପତ୍ତିକୁ ପୁଞ୍ଜିପତିମାନଙ୍କ ହାତରେ ଟେକି ଦେବା ପ୍ରତିବାଦରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁସଂଖ୍ୟକ ଜନସାଧାରଣ ଯୋଗଦେଇ ସିପିଆଇ(ଏମ୍) ନେତୃମଣ୍ଡଳୀଙ୍କ ମନୋବଳକୁ ଦୃଢ଼ କରିଥିଲେ। ହେଲେ ଏଥିରେ ଅସହିଷ୍ଣୁ ହୋଇ ଭାଜପା ଓ ଆର୍‌ଏସ୍‌ଏସ୍‌ର କର୍ମୀମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ମାନିକ ସରକାରଙ୍କ ସମେତ ମନ୍ତ୍ରିମଣ୍ଡଳର ଅଧିକାଂଶ ସଦସ୍ୟଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ବିଭିନ୍ନ ଜିଲା କାର୍ଯ୍ୟାଳୟରେ ନିଆଁ ଲଗାଇ ଦେଇଥିଲେ। ଏହାର ପ୍ରତିବାଦରେ ଉକ୍ତ ସଭା ଅନୁଷ୍ଠିତ ହୋଇଥିଲା। ସିପିଆଇ(ଏମ୍) ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଷ୍ଣୁ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶ୍ରମିକ ନେତା ପିତାମ୍ବର ଲେଙ୍କା, ରଶ୍ମିରଞ୍ଜନ ତ୍ରିପାଠୀ, କୃଷକ ନେତା ଉମ୍ବରୁଧର ସାହୁ, ସମିତି ସଭ୍ୟ ରମେଶ ବେହେରା, ବିପିନ ବିହାରୀ ସାହୁ ଓ ଚୌଦ୍ୱାର ଶାଖା ସମ୍ପାଦକ ଜୟସିଂ ପ୍ରମୂଖ ଯୋଗଦେଇ ଉକ୍ତ ଘଟଣାର ଘୋର ନିନ୍ଦା କରିଥିଲେ।

## ମୌଳିକ ସୁବିଧା ପାଉନାହାନ୍ତି ବସ୍ତିବାସିନ୍ଦା

**କଟକ ଅଫିସ, ୧୦ା୯**

### ଜଗତପୁର ବସ୍ତି ଅଞ୍ଚଳ ବୁଲିଲା କଂଗ୍ରେସ ପ୍ରତିନିଧି ଦଳ

ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ କଂଗ୍ରେସର ଏକ ପ୍ରତିନିଧି ଦଳ ଶୁକ୍ରବାର କଟକ ମହାନଗର ନିଗମ ଅନ୍ତର୍ଗତ ଜଗତ୍‌ପୁରର ବିଭିନ୍ନ ବସ୍ତି ଅଞ୍ଚଳ ବୁଲି ମୌଳିକ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଏ ସମ୍ପର୍କରେ ଦଳୀୟ ନେତା ଜଗଦୀଶ ମହାନ୍ତି କହିଛନ୍ତି, ପ୍ରଶାସନ ପକ୍ଷରୁ ଏସ୍‌ସିବି ମେଡିକାଲର ଆଖପାଖ ବସ୍ତିବାସିନ୍ଦାଙ୍କୁ ନିମପୁର, ଲକ୍ଷ୍ମଣପୁର ଅଞ୍ଚଳରେ ଅବସ୍ଥାପିତ କରାଯାଇଛି। ହେଲେ ସେଠାରେ ରାସ୍ତା, ପିଇବା ପାଣି, ଷ୍ଟ୍ରିଟ୍ ଲାଇଟ୍, ଡଷ୍ଟବିନ୍ ଓ ପର୍ଯ୍ୟାପ୍ତ ଶୌଚାଳୟ ଭଳି ମୌଳିକ ବ୍ୟବସ୍ଥା କରାଯାଇନାହିଁ। ଏଥିସହ ନଦୀକୂଳରେ ଥିବା ବସ୍ତିର ସୁରକ୍ଷା ପାଇଁ ଗାର୍ଡୱାଲ ଓ ବ୍ଲିଚିଂ ପାଉଡର ପକାଯାଉନାହିଁ। ବାର୍ଦ୍ଧକ୍ୟଭତ୍ତା ଓ ରାସନ ସାମଗ୍ରୀ ଅବସ୍ଥାପିତ ଅଞ୍ଚଳରେ ଦିଆଯାଉନାହିଁ। ଫଳରେ ୮ କି.ମି. ଦୂର ମଙ୍ଗଳାବାଗ ଯାଇ ଉକ୍ତ ସାମଗ୍ରୀ ଆଣୁଥିବାରୁ ବସ୍ତିବାସିନ୍ଦାମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି।

ବସ୍ତିର ପିଲାମାନେ ପୂର୍ବରୁ ମଙ୍ଗଳାବାଗ, ରାଣୀହାଟ ଅଞ୍ଚଳର ବିଦ୍ୟାଳୟରେ ପଢୁଥିଲେ। ମାତ୍ର ସେମାନଙ୍କ ପାଇଁ ଏଠାରେ କୌଣସି ସୁବିଧା କରାଯାଇନାହିଁ। ବସ୍ତିବାସିନ୍ଦାଙ୍କ ଏ ସବୁ ମୌଳିକ ସମସ୍ୟାର ତୁରନ୍ତ ସମାଧାନ କରାଯିବା ପାଇଁ ମହାନ୍ତି ଦାବି କରିଛନ୍ତି। ଏଥିସହିତ ଉକ୍ତ ପ୍ରତିନିଧି ଦଳ ନଜରପୁରରୁ ଉଚ୍ଛେଦ ହେବାକୁ ଥିବା ରେଲୱେ ବସ୍ତିକୁ ଯାଇ ଲୋକଙ୍କ ସମସ୍ୟା ବୁଝିଥିଲେ। ଏହି ପ୍ରତିନିଧି ଦଳରେ ଅଶ୍ୱିନୀ ମହାରଣା, ପୂର୍ବତନ କର୍ପୋରେଟର ନମିତା ମଞ୍ଜରୀ ସାହୁ, ପିସିସି ସଭ୍ୟ ମାନସ ପରିଡା, ଶୁଭାଶିଷ ପଟ୍ଟନାୟକ, ସୁରଜିତ ସାହୁ, ଚୌଦ୍ୱାର-କଟକ ଯୁବ କଂଗ୍ରେସ ସଭାପତି ସ୍ମୃତିରଞ୍ଜନ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

## ଗଣେଶ ଗୃହ ଉଦ୍‌ଘାଟିତ

**ନିଶ୍ଚିନ୍ତକୋଇଲି,୧୦ା୯ (ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ବୁହାଳୋ ପଞ୍ଚାୟତ ଜମରା(ଫକିରପାଟଣା) ଗ୍ରାମରେ ଆମ ଗାଁ ଆମ ବିକାଶ ଯୋଜନାରେ ଏକ ଗଣେଶ ଗୃହ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଗ୍ରାମର ବରିଷ୍ଠ ନାଗରିକ ତଥା ମୁରବିମାନେ ଯୋଗ ଦେଇ ଆନୁଷ୍ଠାନିକଭାବେ ଗୃହକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ବୁହାଳ ପଞ୍ଚାୟତର ଭାରପ୍ରାପ୍ତ ସରପଞ୍ଚ ମାୟାଧର ପରିଡା, ଚକ୍ରଧର ସାହୁ, ଅଶୋକ କୁମାର ସାହୁ, ଚକ୍ରଧର ପଲେଇ, ଅଭୟ ସାହୁ, ପ୍ରାଣକୃଷ୍ଣ ସାହୁ ଓ ବିମ୍ବାଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଡିସିପି ଅଫିସରେ ଖୋଲିଲା ଓପନ ଲାଇବ୍ରେରି

**ଭୁବନେଶ୍ୱର, ୧୦ା୯(ବ୍ୟୁରୋ)**

କମିଶନରେଟେ ପୋଲିସ ଭୁବନେଶ୍ୱର ୟୁପିଡିର ଡିସିପି ଅଫିସକୁ ଆସୁଥିବା ଜନସାଧାରଣଙ୍କ ପାଇଁ ଏକ ଓପନ ଲାଇବ୍ରେରି ଖୋଲାଯାଇଛି। ଶୁକ୍ରବାର ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏହି ଲାଇବ୍ରେରିକୁ ଉଦ୍‌ଘାଟନ କରିଛନ୍ତି। ଏଥିରେ ବିଭିନ୍ନ ପ୍ରକାର ପୁସ୍ତକ ରଖାଯିବା ସହ ପଢ଼ିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଭିନ୍ନ କାର୍ଯ୍ୟରେ ଆସୁଥିବା ଆଗନ୍ତୁକମାନେ ଅଫିସ ପରିସରରେ ଥିବା ଏହି ଲାଇବ୍ରେରିରେ ବସି ପୁସ୍ତକ ପଢିପାରିବେ।



ଉଦ୍‌ଘାଟନବେଳେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ସହ ଡିସିପି ଉମାଶଙ୍କର ଦାସ ଓ ଅନ୍ୟାନ୍ୟ ପୋଲିସ ଅଫିସରମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଲାଇବ୍ରେରି ପରିସରକୁ ବୁଲି ଦେଖିବା ସହ କମିଶନର କିଛି ପୁସ୍ତକ ପଢୁଥିବା ଦେଖିବାକୁ ମିଳିଥିଲା।

## ପୋଲିସ ସ୍ୱାମୀ ଦେଉଛନ୍ତି ଯୌତୁକ ନିର୍ଯାତନା

**ନିଶ୍ଚିନ୍ତକୋଇଲି,୧୦ା୯(ସ୍ୱ.ପ୍ର.)**

- ଥାନାରେ ଅଭିଯୋଗ କଲେ ନବବିବାହିତା
- ମାମଲା ରୁଜୁ ପରେ କାର୍ଯ୍ୟାନୁଷ୍ଠାନ ନାହିଁ

ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନା ଅଧୀନ ଜନାର୍ଦ୍ଦନପୁର ଗ୍ରାମରେ ଜଣେ ମହିଳାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯିବା ସହ କିରୋସିନ ଢ଼ାଳି ମାରିଦେବାକୁ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ପୋଲିସ କର୍ମଚାରୀ ହୋଇଥିବାରୁ ୭ ତାରିଖରୁ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କେବଳ ମାମଲା ରୁଜୁ କରି ଚୁପ ବସିଛି। ଏପର୍ଯ୍ୟନ୍ତ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ। ପୋଲିସର ନିରପେକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଯାଜପୁର ଜିଲା ବରୀ ଥାନା ଅନ୍ତର୍ଗତ ଧାରପୁର ଗ୍ରାମର ଅଚ୍ୟୁତାନନ୍ଦ ପରମାଣିକଙ୍କ କନ୍ୟା ରଶ୍ମିତା(୨୪)ଙ୍କ ସହ ଗତ ୧୨ ଜୁଲାଇ ୨୦୨୦ରେ ଜନାର୍ଦ୍ଦନପୁର ଗ୍ରାମର ସୁଦାମ ଚାନ୍ଦଙ୍କ ପୁତ୍ର ସୁବଳ ଚାନ୍ଦଙ୍କ ସହ ବୈଦିକ ରୀତିରେ ବିବାହ ହୋଇଥିଲା। ସୁବଳ ଷଷ୍ଠ ବାଟାଲିୟନରେ ପୋଲିସ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ବିବାହ ବେଳେ ବରପକ୍ଷର ଦାବି ମୁତାବକ ନଗଦ ୧ଲକ୍ଷ ଟଙ୍କା ସହ ଅଳଙ୍କାର ଓ ଅନ୍ୟାନ୍ୟ ଆସବାବପତ୍ର ସମେତ ଅନ୍ୟାନ୍ୟ ଜାନି ଯୌତୁକ ଦିଆଯାଇଥିଲା। କିଛି ଦିନ ପରେ ଯୌତୁକ ବାବଦରେ ଆଉ ୨ ଲକ୍ଷ ଟଙ୍କା ଆଣିବା ପାଇଁ ଶାଶୁଘର ଲୋକେ ରଶ୍ମିତାଙ୍କ ଉପରେ ଚାପ ପ୍ରୟୋଗ କରାଯାଇଥିଲା। ମାତ୍ର ସେ ଏଥିରେ ଅସମ୍ମତି ପ୍ରକାଶ କରିବାରୁ ଶାଶୁ ଘର ତରଫରୁ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିଲା। ଗତ ୭ ତାରିଖରେ ଶାଶୁ ଘର ଲୋକେ ମିଳିମିଶି ରଶ୍ମିତାକୁ କିରୋସିନ ଢାଳି ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଥିଲେ ବୋଲି ସେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ୨ ଦିନ ପରେ ଅର୍ଥାତ୍ ୯ ତାରିଖ ରାତିରେ ମାମଲା (ନଂ. ୧୨୬/୨୧) ରୁଜୁ କରି ଚୁପ୍ ବସିଛି। ଏସମ୍ପର୍କରେ ଥାନା ଆଇଆଇସି ଉମେଶ ସାହୁ କହିଛନ୍ତି, ଅଭିଯୋଗ ଆଧାରରେ ତଦନ୍ତ ଚାଲିଛି। ଏହାପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ୱାଲ୍ ମାଗାଜିନ୍ ଉନ୍ମୋଚିତ

ପୁରୀ ଅଫିସ: ପୁରୀ ରାମକୃଷ୍ଣ ମିଶନ ପକ୍ଷରୁ ଶୁକ୍ରବାର ଗଣେଶ ପୂଜା କରାଯାଇଛି। ଏହି ଅବସରରେ ବ୍ରହ୍ମାନନ୍ଦ ଛାତ୍ରାବାସ ଅନ୍ତେବାସୀଙ୍କ ଦ୍ୱାରା ୱାଲ୍ ମାଗାଜିନ୍ ଉନ୍ମୋଚିତ ହୋଇଛି। ଏଥିରେ ପିଲାମାନଙ୍କ ଦ୍ୱାରା ଲିଖିତ କବିତା ଓ ଗଳ୍ପ ସ୍ଥାନ ପାଇଛି। ଉନ୍ମୋଚନ କାର୍ଯ୍ୟକ୍ରମରେ ଅତିଥି ଭାବେ ଆଶ୍ରମ ସମ୍ପାଦକ ସ୍ୱାମୀ ଆପ୍ତେଶ୍ୱରାନନ୍ଦ ଓ ଛାତ୍ରାବାସ ଦାୟିତ୍ୱରେ ଥିବା ସ୍ୱାମୀ ଯୋଗପୂର୍ଣ୍ଣାନନ୍ଦ ଯୋଗଦେଇ ପିଲାଙ୍କୁ ସ୍ୱାମୀଜୀଙ୍କ ଆଦର୍ଶ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ଧନଞ୍ଜୟ ଦାସ, ପଦ୍ମଲୋଚନ ନାୟକ, ମଣିରାମ, ଜୟଶ୍ରୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୦।୦୯।୨୦୨୧

୧,୦୮,୭୦୪ ଟଙ୍କା

### ଆଜି କ'ଣ କେଉଁଠି

ପୁରୀ

- ବିନୋବା ଭାବେଙ୍କ ଜୟନ୍ତୀ ଉତ୍ସବ ପାଳନ, ୟୁଥ୍ ହଷ୍ଟେଲ, ପୂର୍ବାହ୍ନ ୧୧ଟା।

### ସଂକ୍ଷେପରେ

## ଶ୍ରୀମନ୍ଦିରରେ ପଡ଼ି ବୋଝିଆ ଗୁରୁତର

ପୁରୀ ଅଫିସ, ୧୦।୯: ଶ୍ରୀମନ୍ଦିର ପରିସରରେ ଶୁକ୍ରବାର ଜଣେ ବୋଝିଆ ପଡ଼ିଯାଇ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କଣ୍ଡପୁର ଗ୍ରାମର କାଳୁ ଚରଣ ବାଙ୍କ। ସେ ଭୋଗମଣ୍ଡପରୁ ମହାପ୍ରସାଦ ନେଇ ଆନନ୍ଦବଜାରକୁ ଯାଉଥିବାବେଳେ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ, ଗୋଡ଼ ଓ ହାତରେ ଗଭୀର ଆଘାତ ଲାଗିଛି। ସେଠାରେ ଥିବା ଅନ୍ୟ ବୋଝିଆ, ପୋଲିସ କର୍ମଚାରୀ ଏବଂ ସେବକ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତେବେ ଏହି ଅଘଟଣ କାରଣରୁ ମହାପ୍ରଭୁଙ୍କ ନୀତିକାନ୍ତିରେ କୌଣସି ପ୍ରଭାବ ପଡ଼ିନାହିଁ। ସୂଚନାଯୋଗ୍ୟ, ଦୁଇ ଦିନ ତଳେ ଜଣେ ସୁଆର ସେବାୟତଙ୍କ ଉପରେ ଗରମ ଡାଲି ପଡ଼ିବାରୁ ସେ ଆହତ ହୋଇଥିଲେ।

## ମୋବାଇଲ ଫୋନ୍ ପାଇ ଫେରାଇଲା ରେଲୱେ ପୋଲିସ

ପୁରୀ ଅଫିସ, ୧୦।୯: ଟ୍ରେନ୍‌ରେ ଭୁଲବଶତଃ ଛାଡ଼ିଯାଇଥିବା ମୋବାଇଲ ଫୋନ ଓ ସାମଗ୍ରୀ ଫେରିପାଇଛନ୍ତି ଜଣେ ଯାତ୍ରୀ। ରେଲୱେ ପୋଲିସ ଏହି ସାମଗ୍ରୀ ପାଇ ସମ୍ପୃକ୍ତ ଯାତ୍ରୀଙ୍କୁ ଫେରାଇଛି। ରେଲୱେ ପୋଲିସ ଅଧିକାରୀ ଅନିଲ କୁମାର ସିଂହଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ପୁରୀ ରେଳଷ୍ଟେଶନରେ ରେଲୱେ ପୋଲିସ ତଦାରଖ କରୁଥିବା ବେଳେ ବିଶ୍ରାମଗୃହରୁ ଏକ ମୋବାଇଲ ଫୋନ୍, ଚାର୍ଜର, ହେଡ୍‌ଫୋନ ପାଇଥିଲା। କିଛି ସମୟ ପରେ ଉକ୍ତ ମୋବାଇଲକୁ ଫୋନ ଆସିଥିଲା। ସେଥିରୁ ଫୋନ୍‌ଟି ପଶ୍ଚିମବଙ୍ଗ ପୂର୍ବ ମେଦିନପୁର ଅଞ୍ଚଳର ଏସ୍.କେ ସବିରଙ୍କର ବୋଲି ଜଣାପଡ଼ିଥିଲା। ସବିର ପୁରୀ ବୁଲିବାକୁ ଆସିଥିବା ବେଳେ ସେ ବିଶ୍ରାମଗାରରେ ଫୋନକୁ ଚାର୍ଜ କରୁଥିଲେ। ପରେ ଅନ୍ୟମନସ୍କତାରେ ସେଠାରେ ଫୋନ୍ ଛାଡ଼ି ଚାଲିଯାଇଥିଲେ। ରେଲୱେ ପୋଲିସ ତଦନ୍ତ କରି ସବିରଙ୍କୁ ତାଙ୍କ ମୋବାଇଲ ଫୋନ ହସ୍ତାନ୍ତର କରିଛି।

## ବିଭିନ୍ନ ସ୍ଥାନରେ ଗଣେଶ ପୂଜା

ପୁରୀ ଅଫିସ/ପିପିଲି/କୋଣାର୍କ/କାକଟପୁର/ଅସ୍ତରଙ୍ଗ,୧୦।୯(ଡି.ଏନ୍.ଏ.): ପୁରୀ ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର କୋଭିଡ୍ କଟକଣା ମଧ୍ୟରେ ଅଗ୍ରପୂଜ୍ୟ ବିଘ୍ନବିନାଶକଙ୍କ ପୂଜା ପାଳିତ ହୋଇଛି। ମାର୍କେଟ ଛକ, କୁଣ୍ଡେଇବେଣ୍ଟ ସାହିର ପଞ୍ଚମୁଖୀ ସମିତି, ବଳଗଣ୍ଡିସ୍ଥିତ ବିନାୟକ ଗଣପତି ସମିତି ପକ୍ଷରୁ ଗଣେଶ ପୂଜା ହୋଇଛି। ଦଣ୍ଡତୋଟାସ୍ଥିତ ଉତ୍କଳ ବଚ୍‌ପନ ସ୍କୁଲରେ ବିଦ୍ୟାଳୟ ପରିଚାଳନା କମିଟି ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ମିଶ୍ର କର୍ତ୍ତା ଭାବେ ପୂଜା କାର୍ଯ୍ୟ ସମ୍ପାଦିତ କରିଥିଲେ। ବାଲିଘାଟସ୍ଥିତ ଶ୍ରୀରାମକୃଷ୍ଣ ବିଦ୍ୟା ନିକେତନ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗଣେଶ ପୂଜା ପାଳନ କରାଯାଇଛି। ପିପିଲି ନିକଟସ୍ଥ ଭକ୍ତ ଦାସିଆ ପୀଠରେ ଗଣେଶ ପୂଜା ପାଳନ କରାଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ଓ ଅନ୍ୟାନ୍ୟ ଦେବଦେବୀଙ୍କ ଦୈନନ୍ଦିନ ନୀତିକାନ୍ତି ସହ ସିଦ୍ଧି ବିନାୟକ ମନ୍ଦିରରେ ସ୍ୱତନ୍ତ୍ର ପୂଜା ହୋଇଥିଲା। ମନ୍ଦିର ମୁଖ୍ୟ ପୂଜକ ଲକ୍ଷ୍ମୀଧର ପାଢ଼ୀ ପୂଜାର୍ଚ୍ଚନା କରିଥିଲେ। ଭକ୍ତ ଦାସିଆ ସଂକୀର୍ତ୍ତନ ସଂଘ ପକ୍ଷରୁ ଗାୟକ ଗିରିଧାରୀ ପଲାଇ, ସାଗର ବଳ, କବିନ୍ଦ୍ର ବେହେରା, ଲକ୍ଷ୍ମୀଧର ଲେଙ୍କା ପ୍ରମୁଖ ନାମ ସଂକୀର୍ତ୍ତନ କରିଥିଲେ। ଭକ୍ତ ଦାସିଆ ଆଞ୍ଚଳିକ କମିଟି ଅଧ୍ୟକ୍ଷ ଗଦାଧର ଦାସ, କୃଷ୍ଣଚନ୍ଦ୍ର ଲେଙ୍କା ପ୍ରମୁଖ ପୂଜାକାର୍ଯ୍ୟ ପରିଚାଳନା କରିଥିଲେ। କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ବିଘ୍ନ ବିନାଶକଙ୍କ ପୂଜା ପାଳିତ ହୋଇଛି। କାକଟପୁର ମୁଖ୍ୟ ବଜାର ବ୍ୟବସାୟୀ ସଂଘ, ମଙ୍ଗଳା ବଜାର, ମେଡିକାଲ ଛକ, ଲକ୍ଷ୍ମୀ ବଜାର ୟୁକୋ ବ୍ୟାଙ୍କ ଛକ, କଲେଜ ଛକ, ବ୍ଲକ ଛକ ପ୍ରଭୃତି ଅଞ୍ଚଳରେ ପୂଜା ପାଳନ କରାଯାଇଛି। ସେହିଭଳି ଅସ୍ତରଙ୍ଗ ସରକାରୀ ଓ ନୋଡାଲ ବିଦ୍ୟାଳୟ, ସୁରେନ୍ଦ୍ର ନାଥ ବିଦ୍ୟାଳୟ, କେଉଟଜଙ୍ଗା, ବନ୍ତିଲୋ, ଶିଶୁ ୟୁଜିଏମ୍, ବାଳିକା ବିଦ୍ୟାଳୟ ସମେତ କଲେଜ, ବ୍ୟବସାୟ ପ୍ରତିଷ୍ଠାନ ଏବଂ ବିଭିନ୍ନ କ୍ଲବରେ ଗଣେଶ ପୂଜା ପାଳନ କରାଯାଇଛି।

# ସୁଧୁରୁନି ମୌଳିକ ସମସ୍ୟା

- ଅବହେଳିତ ଅବସ୍ଥାରେ ତିଲୁପଦାଗଡ଼ ଗ୍ରାମବାସୀ
- ଅଭିଯୋଗ ସତ୍ତ୍ୱେ ଚୁପ୍ ବସିଛି ପ୍ରଶାସନ

ଗୋପ, ୧୦।୯(ଡି.ଏନ୍.ଏ.)

ନିର୍ବାଚନ ଆସିଲେ ଗାଁକୁ ବିଭିନ୍ନ ଦଳର ନେତାଙ୍କ ସୁଅ ଛୁଟେ। ସରକାରୀ ଯୋଜନାରେ ସୁବିଧା ସୁଯୋଗ ଯୋଗାଇବା ସହ ଗାଁର ସମସ୍ୟା ସମାଧାନ କରିଦେବା ଲାଗି ପ୍ରତିଶ୍ରୁତି ମିଳେ। କିନ୍ତୁ ନିର୍ବାଚନ ସରିଲେ ସବୁ ପ୍ରତିଶ୍ରୁତିକୁ ଭୁଲିଯାଆନ୍ତି ନେତା। ସେହିପରି କେବେ କେମିତି ସରକାରୀ ବାବୁମାନଙ୍କର ପାଦ ପଡ଼େ ଏଠାରେ। କିନ୍ତୁ କେହି ଗ୍ରାମର ସମସ୍ୟା ପ୍ରତି ଦୃଷ୍ଟି ଦିଅନ୍ତି ନାହିଁ। ଫଳରେ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେବା ସହ ଅବହେଳିତ ହୋଇ ରହିଛନ୍ତି। ସ୍ୱାଧୀନତାର ୭୫ ବର୍ଷ ପରେ ବି ପ୍ରଶାସନ ଆଢୁଆଳରେ ରହିଛି ପୁରୀ ଜିଲା ଗୋପ ବ୍ଲକ ଗଣେଶ୍ୱରପୁର ପଞ୍ଚାୟତ ଅଧୀନ ତିଲୁପଦାଗଡ଼ ଗ୍ରାମ।

ସୂଚନା ଅନୁଯାୟୀ, ତିଲୁପଦାଗଡ଼ ଗ୍ରାମରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ପରିବାରର ୧ ହଜାରରୁ ଅଧିକ ଲୋକ ବାସ କରୁଛନ୍ତି। ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପିଇବା ପାଣି ସମସ୍ୟା ଲାଗିରହିଛି। ଗାଁକୁ ଭଲ ରାସ୍ତା ନ ଥିବାବେଳେ ଅସରାଏ ବର୍ଷା ହେଲେ ଗ୍ରାମରେ ଜଳ ଜମିରହୁଛି। ବିଶେଷକରି ବର୍ଷା ହେଲେ ଗ୍ରାମକୁ ଯାତାୟାତ କରିବା କଷ୍ଟକର ହୋଇପଡୁଛି। ଛାତ୍ରୀଛାତ୍ରମାନେ ବର୍ଷାଦିନେ ସ୍କୁଲ କଲେଜ ଯିବାକୁ ହଇରାଣ ହେଉଛନ୍ତି। ସେହିପରି ଗାଁରେ କାହାର ଶରୀର ଅସୁସ୍ଥ ହେଲେ ୨କିମି ପର୍ଯ୍ୟନ୍ତ ବୁହା ହେବା ପରେ ଡାକ୍ତରଖାନାକୁ ଗାଡ଼ି ଯୋଗେ ଯାଇଥାନ୍ତି।



ଗ୍ରାମର କର୍ଦ୍ଦମାକ୍ତ ରାସ୍ତାରେ ମହିଳାମାନେ ପାନୀୟଜଳ ଆଣି ଆସୁଛନ୍ତି।

ଅଧିକାଂଶ ସ୍ଥାନରେ ପାଇପ ଫାଟିବା ସହ ନଳକୂପ ଅଚଳ ଯୋଗୁ ପାନୀୟଜଳ ଅଭାବ ଦେଖାଦେଉଛି। ଏଭଳି ସମସ୍ୟା ଯୋଗୁ ଗ୍ରାମବାସୀ ହଇରାଣ ହେଉଥିବା କ୍ଷେତ୍ରମୋହନ ବିଶୋୟୀ, ଗୋବିନ୍ଦ ପାଣି, କାର୍ତ୍ତିକ ମଲ୍ଲିକ, ଭାସ୍କର ବିଶୋୟୀ, ସୁଦର୍ଶନ ମଲ୍ଲିକ, ଯଦୁମଣି ମଲ୍ଲିକ, ଅମିନ କାହାଳ ପ୍ରମୁଖ ବାସିନ୍ଦା କହିଛନ୍ତି। ଏ ନେଇ ଜିଲାପାଳ, ବିଡିଓ, ସ୍ଥାନୀୟ ବିଧାୟକ ଏବଂ ଅନ୍ୟ ସରକାରୀ ଅଧିକାରୀଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ କହିଛନ୍ତି। ତେଣୁ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି, ତିଲୁପଦାଗଡ଼ ଗ୍ରାମରେ ଏଭଳି ସମସ୍ୟା ସମ୍ପର୍କରେ ମୋ' ନିକଟରେ ଅଭିଯୋଗ ହୋଇନାହିଁ। ତଥାପି ସେଠାକାର ସମସ୍ୟା ଦୂର ଉପରେ ଗୁରୁତ୍ୱ ଦେବି।

## 'ତୃଣମୂଳ ସ୍ତରରୁ ଦଳୀୟ ସଙ୍ଗଠନକୁ ଦୃଢ଼ କର'

ପିପିଲି,୧୦।୯(ଡି.ଏନ୍.ଏ.)

ପିପିଲିସ୍ଥିତ ବିଜେଡି କାର୍ଯ୍ୟାଳୟରେ ଦଳର ୨୨ନମ୍ବର ଜିଲା ପରିଷଦ ଜୋନ ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପିପିଲି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଅତିଥି ଭାବେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଏବଂ ପିପିଲି ବିଧାୟକ ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥି ଯୋଗଦେଇ ତୃଣମୂଳସ୍ତରରୁ ଦଳୀୟ ସଂଗଠନକୁ ଅଧିକ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବିଜେଡି ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କିତ ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ଜିଲା ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ପିପିଲି ଆମ୍ବ କମିଟି ଅଧ୍ୟକ୍ଷ ଧରଣୀଧର ସାହୁ, କିଶୋର ଛୋଟରାୟ, ଜିଲା ସମ୍ପାଦକ ସତ୍ୟଜିତ ରାୟଚୌଧୁରୀ, ସୁଧାକର ମାର୍ଥା, ଯୁବନେତା ଆର୍ତ୍ତବନ୍ଧୁ ସାମନ୍ତରାୟ, ସରପଞ୍ଚ ପ୍ରକାଶ ଧଳ, ମନୋଜ ଦାଶ, ଅଶ୍ୱିନୀ ବଳିଆରସିଂହ, ତପନ ନାୟକ, ଲିଙ୍କନ ପଟ୍ଟନାୟକ, ଜ୍ୟୋସ୍ନାରାଣୀ ପୃଷ୍ଟି, ସୁମିତ୍ରା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। କଣ୍ଟି ବିଜେଡି ସଭାପତି ମଥୁରୀ ପରିଡା ଧନ୍ୟବାଦ ଦେଇଥିଲେ।



ନିମାପଡ଼ା ଡ୍ରାଇଭର ମହାସଂଘର ସାଧାରଣ ଅଧିବେଶନରେ ସମ୍ବର୍ଦ୍ଧିତ ଅତିଥି, ଡ୍ରାଇଭର ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ।

## ଡ୍ରାଇଭରଙ୍କ ସୁରକ୍ଷା, ଦାବି ଉପରେ ଗୁରୁତ୍ୱ

### ନିମାପଡ଼ା ଡ୍ରାଇଭର ମହାସଂଘର ସାଧାରଣ ଅଧିବେଶନ

ନିମାପଡ଼ା,୧୦।୯(ଡି.ଏନ୍.ଏ.)

ଓଡ଼ିଶା ଡ୍ରାଇଭର ମହାସଂଘ ଆହ୍ୱାନ କ୍ରମେ ପୁରୀ ଜିଲା ନିମାପଡ଼ା ବ୍ଲକ ଡ୍ରାଇଭର ମହାସଂଘର ସାଧାରଣ ଅଧିବେଶନ ଦୀଘାଲୋ ନୀଳକଣ୍ଠେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘର ନୂତନ କାର୍ଯ୍ୟାଳୟ ଗୃହ ଗୋଲେଇ ଛକଠାରେ ଉଦ୍‌ଘାଟନ ହୋଇଥିଲା। ଆୟୋଜିତ ସମାରୋହରେ ଅତିଥି ଭାବେ ଓଡ଼ିଶା ଡ୍ରାଇଭର ମହାସଂଘର ରାଜ୍ୟ ଉପସଭାପତି ସୁମନ ଆଲଟିଆ, ପୁରୀ ଜିଲା ସଭାପତି ସମରେନ୍ଦ୍ର ମହାପାତ୍ର, ନିମାପଡ଼ା ବ୍ଲକ ସଭାପତି ମାନସ ରଞ୍ଜନ ବାରିକ, ଉପସଭାପତି ଶୁକଦେବ ବେହେରା, ସମ୍ପାଦକ ରାଜକିଶୋର ବାରିକ, ସହସମ୍ପାଦକ ରିତେଶ ଖୁଣ୍ଟିଆ, ଆବାହକ ପ୍ରଶାନ୍ତ କୁମାର ଜେନା, ଦୁଃଶାସନ ସାମନ୍ତସିଂହାର, ଅମର ପ୍ରସାଦ ସେଠୀ, ରାଜେନ୍ଦ୍ର ପ୍ରଧାନ ଓ ଶାରଦା ପ୍ରସନ୍ନ ଦାସ ପ୍ରମୁଖ ଯୋଗଦେଇଥିଲେ। ଡ୍ରାଇଭରଙ୍କ ବିଭିନ୍ନ ସମସ୍ୟା, ପ୍ରତିକାର, ସେମାନଙ୍କୁ ଠିକ୍ ପ୍ରାପ୍ୟ ଦେବା ଏବଂ ସୁରକ୍ଷା ପ୍ରଦାନ ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଡ୍ରାଇଭରମାନଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରାଯିବା, ଗାଡ଼ି ଚାଳନା ବେଳେ ମୃତ୍ୟୁବରଣ କଲେ ୨୦ଲକ୍ଷ ଟଙ୍କା ବୀମା ସହାୟତା, ଆହତ ଡ୍ରାଇଭରଙ୍କୁ ୫ ଲକ୍ଷ ଟଙ୍କା ସହାୟତା, ୫୫ବର୍ଷ ପରେ ପେନ୍‌ସନ ଯୋଜନା ଲାଗୁ କରିବାକୁ ସରକାରଙ୍କ ନିକଟରେ ଦାବି କରାଯାଇଛି। ଏହି ଅବସରରେ ନିମାପଡ଼ା ମହାସଂଘ ପକ୍ଷରୁ ମଞ୍ଚାସୀନ ଅତିଥି, ଗଣମାଧ୍ୟମ ପ୍ରତିନିଧି, ବୟୋଜ୍ୟେଷ୍ଠ ଡ୍ରାଇଭରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ପୁରୀ ଜିଲାର ୧୧ଟି ବ୍ଲକର ପ୍ରାୟ ୨ଶହ ଡ୍ରାଇଭର ଯୋଗଦେଇଥିଲେ। ଏହି ଅବସରରେ ଗାଡ଼ି ଚଳାଇବାବେଳେ ନିଶା ସେବନ କରିବୁ ନାହିଁ କି କାହାକୁ ଦୁର୍ବ୍ୟବହାର କରିବୁ ନାହିଁ ବୋଲି ଡ୍ରାଇଭରମାନେ ମହାଦେବଙ୍କ ପୀଠରେ ଶପଥ ନେଇଥିଲେ।

## ନାବାଳିକା ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ, ଅଭିଯୁକ୍ତ ଫେରାର

ତିଗିରିଆ, ୧୦।୯(ଡି. ଏନ୍.ଏ.)

ତିଗିରିଆ ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ନାବାଳିକା ଛାତ୍ରୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏବିଷୟରେ ପୋଲିସରେ ଜଣାଇଲେ ବୋମା ପକାଇ ପରିବାର ସଦସ୍ୟଙ୍କୁ ମାରିଦେବା ନେଇ ଅଭିଯୁକ୍ତ ଧମକ ଦେଇଛନ୍ତି ବୋଲି ପୀଡ଼ିତା ବାପା ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଆଧାର କରି ପୋଲିସ ଏକ ମାମଲା (ନଂ.୧୨୪/୨୧) ରୁଜୁ କରିଛି। ଏହାପରେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଖବର ଅନୁଯାୟୀ, ଉକ୍ତ ଅଞ୍ଚଳର ସୁରେନ୍ଦ୍ର ପରିଡା ନାମକ (୩୨) ବିବାହିତ ବ୍ୟକ୍ତି ବିଭିନ୍ନ ବାହାନା ଦେଖାଇ ନାବାଳିକା ଛାତ୍ରୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଉଠାଇ ବ୍ଲାକ୍‌ମେଲ୍ କରୁଥିଲେ। ୫ ତାରିଖ ରାତିରେ ସୁରେନ୍ଦ୍ର କେତେଜଣ ସାଙ୍ଗଙ୍କ ସହ ଭୋଜି କରୁଥିଲେ। ଏହି ସମୟରେ ସେ ଫୋନ କରି ନାବାଳିକାଙ୍କୁ ଡାକିଥିଲେ। ମାତ୍ର ଛାତ୍ରୀ ଜଣକ ନ ଆସିବାରୁ ଉକ୍ତ ଫଟୋଗୁଡ଼ିକୁ ଭାଇରାଲ କରିଦେଇଥିଲେ। ଏନେଇ ଅଭିଯୋଗ ପରେ ତିଗିରିଆ ଥାନାରେ ମହିଳା ଅଫିସର ନ ଥିବାରୁ ବଡ଼ମ୍ବା ଥାନାରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି।



### ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଚିନ୍ମୟ



@ ସୌମ୍ୟ



@ ଭାଗୀରଥି



@ ଅହଲ୍ୟା



@ ଶୁଭାଶିଷ



@ ଗୋପୀନାଥ

## ବିପଦପୂର୍ଣ୍ଣ ସ୍ଥିତିରେ ବଲରା ସେତୁ



ବଲରା ସେତୁ ମଝିରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି ।

କାକଟପୁର,୧୦।୯(ଡି.ଏନ୍.ଏ.)

କାକଟପୁରକୁ କଟକ, ଭୁବନେଶ୍ୱର ଓ ପୁରୀ ସହ ଯୋଡ଼ିଥିବା ବହୁ ପୁରାତନ ବଲରା ସେତୁ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ସେତୁର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେବା ସହିତ ଲୁହାରଡ଼ ଦେଖାଗଲାଣି। ୧୯୬୦ ମସିହାରେ ଏହି ସେତୁ ନିର୍ମାଣ ହୋଇଥିଲା। ପ୍ରତିଦିନ ଉକ୍ତ ସେତୁ ଦେଇ ହଜାର ହଜାର ଯାନ ଓ ଭାରିଯାନ ଚଳାଚଳ କରୁଛି। ଏହାସତ୍ତ୍ୱେ ପୂର୍ତ୍ତ ବିଭାଗ ଉକ୍ତ ସେତୁର ମରାମତି ଲାଗି ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ୁଛି। ଅନ୍ୟପଟେ ସେତୁଟି ବହୁ ପୁରୁଣା ହୋଇଯାଇଥିବାରୁ ମରାମତି ଆବଶ୍ୟକ ପଡୁଛି। ୪୬ କୋଟି ଟଙ୍କା ବ୍ୟୟରେ ନିମାପଡାରୁ ଅସ୍ତରଙ୍ଗ ମୁଖ୍ୟ ରାସ୍ତାର ନବୀକରଣ ଚାଲିଥିବା ବେଳେ ଏହି ସେତୁ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ସେତୁ ମରାମତି ନ ହେଲେ ଯେ କୌଣସି ମୁହୂର୍ତ୍ତରେ ଭୁଶୁଡ଼ିବା ଆଶଙ୍କା ରହିଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଧରାପଡ଼ିଲେଣି ୧୨, ଚାଲିଛି ଅଧିକ ଖୋଳତାଡ଼

### ନକଲି ଆର୍‌ଟି-ପିଶିଆର ରିପୋର୍ଟ ମାମଲା

- ଛତିଶଗଡ଼, ମଧ୍ୟପ୍ରଦେଶର ମାଷ୍ଟରମାଇଣ୍ଡ ସମ୍ପୃକ୍ତ
- ଘରୋଇ ଲାବରେଟୋରୀ ନାଁରେ ଚାଲିଥିଲା ଜାଲିଆତି

ପୁରୀ ଅଫିସ,୧୦।୯:

ନକଲି ଆର୍‌ଟି-ପିଶିଆର ଟେଷ୍ଟ ରିପୋର୍ଟ ର୍‌ୟାକେଟ୍‌ର ଚେର ଖୋଜୁଛି ପୁରୀ ପୋଲିସ। ଇତିମଧ୍ୟରେ ଏହି ର୍‌ୟାକେଟର ୧୨ ସଦସ୍ୟଙ୍କୁ ଗିରଫ କରାଯାଇ ସାରିଲାଣି। ଆହୁରି ଅଧିକ ବ୍ୟକ୍ତି ସମ୍ପୃକ୍ତ ଥିବା ପୋଲିସ ଅନୁମାନ କରୁଛି। ତେଣୁ ଏ ନେଇ ଅଧିକ ଖୋଳତାଡ଼ ଜାରି ରଖିଛି। ଏହି କ୍ରମରେ ଶୁକ୍ରବାର ମଧ୍ୟ ପୋଲିସ ପୁରୀ ସହରର କେତେକ ସ୍ଥାନରେ ଚଢ଼ାଉ କରିଥିବା ଜଣାପଡ଼ିଛି। ଶ୍ରୀମନ୍ଦିରରେ ଦର୍ଶନ ପାଇଁ ଆର୍‌ଟି-ପିଶିଆର ରିପୋର୍ଟ ବାଧ୍ୟତାମୂଳକ ହୋଇଥିବାରୁ ପର୍ଯ୍ୟଟକଙ୍କୁ ନକଲି ରିପୋର୍ଟ ଦେଇ ଏହି ର୍‌ୟାକେଟ୍‌ର ସଦସ୍ୟମାନେ ଅର୍ଥ ଉପାର୍ଜନ କରୁଥିଲେ। ଶ୍ରୀମନ୍ଦିର ସମ୍ମୁଖ କିଓସ୍କୋରେ ଏଭଳି ରିପୋର୍ଟକୁ ଚିହ୍ନଟ କରାଯାଇ ଥାନାରେ ମାମଲା ରୁଜୁ ହେବା ପରେ ପୋଲିସ ପକ୍ଷରୁ ତଦନ୍ତକୁ ଜୋରଦାର କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ପୋଲିସ ଏହି ମାମଲାରେ ୮ ମାଷ୍ଟରମାଇଣ୍ଡ ଓ ୪ ଶ୍ରଦ୍ଧାଳୁଙ୍କୁ ଗିରଫ କରିଛି। ଏନେଇ ୩ଟି ମାମଲା ରୁଜୁ ହୋଇଛି।

ନକଲି ଆର୍‌ଟି-ପିଶିଆର୍ ରିପୋର୍ଟ ବିକ୍ରି ଅଭିଯୋଗରେ ମଧ୍ୟପ୍ରଦେଶର ୪ଜଣଙ୍କ ସମେତ ୨ ଶ୍ରଦ୍ଧାଳୁଙ୍କୁ ପୁରୀ ପୋଲିସ ଗିରଫ କରିଛି। ଏ ନେଇ ଗତ ଅଗଷ୍ଟ ୨୭ ତାରିଖରେ ସିଂହଦ୍ୱାର ଥାନାରେ ଏକ କେସ୍ (ନଂ. ୬୦/୨୧) ରୁଜୁ ହୋଇଥିଲା। ସେହିପରି ସେପ୍ଟେମ୍ବର ୮ ତାରିଖରେ ସିଂହଦ୍ୱାର ଥାନାରେ ଆଉ ଏକ ମାମଲା (ନଂ. ୬୪/୧୨) ରୁଜୁ କ୍ରମେ ଅନୁଗୋଳର ଜଣେ ଶ୍ରଦ୍ଧାଳୁଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଛି। କୁମ୍ଭାରପଡ଼ା ଥାନାରେ ସେପ୍ଟେମ୍ବର ୬ରେ ରୁଜୁ ହୋଇଥିବା ମାମଲା ନଂ. ୩୧୬/୨୧ କ୍ରମେ ଛତିଶଗଡ଼ର ଜଣେ ଶ୍ରଦ୍ଧାଳୁ ଓ ୨ଜଣ ମାଷ୍ଟରମାଇଣ୍ଡକୁ ପୋଲିସ ଗିରଫ କରିଛି। ପୁରୀ ମାର୍କେଟ ଛକ ହିନ୍ଦୁସ୍ଥାନ ଟ୍ରାଭେଲ୍ସରେ ଏହି ଗ୍ୟାଙ୍ଗ ସକ୍ରିୟ ଥିବା ପୋଲିସ ଖବର ପାଇବା ପରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଗ୍ୟାଙ୍ଗର ସଦସ୍ୟମାନେ ପର୍ଯ୍ୟଟକଙ୍କୁ ପ୍ରଲୋଭନ ଦେଖାଇ ରିପୋର୍ଟ କରାଇଦେଉଥିଲେ। ଅଭିଯୁକ୍ତମାନଙ୍କର କେତେଜଣ ସହଯୋଗୀ ଶ୍ରୀମନ୍ଦିର ଆଖପାଖ ଅଞ୍ଚଳରେ ପ୍ରତିଦିନ ବୁଲୁଥିଲେ। ଆର୍‌ଟି-ପିଶିଆର୍ ରିପୋର୍ଟ ନ ଥିବା କାରଣରୁ ଶ୍ରୀମନ୍ଦିର ଯାଇପାରୁ ନ ଥିବା ଶ୍ରଦ୍ଧାଳୁଙ୍କୁ ଚିହ୍ନଟ କରି ନେଗେଟିଭ୍ ରିପୋର୍ଟ କରାଇଦେବେ ବୋଲି କହୁଥିଲେ। ପୁରୀରେ ଏକମାତ୍ର ଘରୋଇ ହସ୍ପିଟାଲ୍ ଆର୍‌ଟି-ପିଶିଆର୍ ଟେଷ୍ଟ କରୁଥିବାରୁ ଟେଷ୍ଟ ପାଇଁ ଅନୁନ୍ୟ ୨୪ ଘଣ୍ଟା ସମୟ ଲାଗୁଛି। ନକଲି ରିପୋର୍ଟ ୧୦ରୁ ୧୫ ମିନିଟ୍ ମଧ୍ୟରେ ପ୍ରସ୍ତୁତ କରି ଦିଆଯାଉଥିବାରୁ ଶ୍ରଦ୍ଧାଳୁମାନେ ପ୍ରଲୋଭନର ଶିକାର ହୋଇ ଟଙ୍କା ଦେଇ ରିପୋର୍ଟ କରାଇ ନେଉଥିଲେ। ଏହି ସୂଚନା ପୁରୀ ପୋଲିସ ପାଇବା ପରେ ଟିମ୍ ସହ ସମ୍ପୃକ୍ତ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ କମ୍ପ୍ୟୁଟର ଏବଂ ଅନ୍ୟ ସାମଗ୍ରୀ ଜବତ କରିଛି। ଅଭିଯୁକ୍ତମାନଙ୍କ ବିରୋଧରେ ଆଇପିସିର ଧାରା ୪୬୫, ୪୭୧, ୧୨୦(ବି) ଓ ୩୪ରେ ମାମଲା ରୁଜୁ କରାଯାଇଛି। ଏହି ନକଲି ର୍‌ୟାକେଟରେ ଆହୁରି ଅନେକ ବ୍ୟକ୍ତି ସଂଶ୍ଳିଷ୍ଟ ଥିବା ପୋଲିସ ସନ୍ଦେହ କରୁଛି। ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ଏହା ଏକ ସମ୍ବେଦନଶୀଳ ମାମଲା। ଏ ନେଇ ଖୋଳତାଡ଼ ଚାଲିଛି। ତଦନ୍ତ ନ ସରିବା ପର୍ଯ୍ୟନ୍ତ କାହାରି ନାମ ପ୍ରକାଶ କରାଯିବ ନାହିଁ। ଠିକ ଭାବେ ଆର୍‌ଟି-ପିଶିଆର୍ ରିପୋର୍ଟ ଯାଞ୍ଚ କରାଯାଉଛି। ଶ୍ରଦ୍ଧାଳୁମାନଙ୍କୁ ମିଳିଥିବା ନକଲି ରିପୋର୍ଟରେ ଭୁବନେଶ୍ୱର ଓ ପୁରୀର କେତେକ ହସ୍ପିଟାଲ ଲାବୋରେଟରୀର ନାମ ରହିଛି। ସମ୍ପୃକ୍ତ ଘରୋଇ ଲାବରେଟୋରୀଗୁଡ଼ିକୁ ଉକ୍ତ ରିପୋର୍ଟର ନକଲ ପଠାଯାଇଛି। ହସ୍ପିଟାଲ୍ କର୍ତ୍ତୃପକ୍ଷ ସେହି ରିପୋର୍ଟକୁ ଯାଞ୍ଚ କରି ଜଣାଇବେ। ରିପୋର୍ଟ ପ୍ରସ୍ତୁତ କରିବାରେ କେବଳ ଏହି ଗ୍ୟାଙ୍ଗର ହାତ ରହିଛି ନା ଆଉ କେହି ଏଥିରେ ସାମିଲ ଅଛନ୍ତି ତାହା ଜାଣିବାକୁ ଅନୁସନ୍ଧାନ ଚାଲିଛି। ସେହିଭଳି ଲୋକେ ମହାପ୍ରଭୁଙ୍କ ଦର୍ଶନ ଉଦ୍ଦେଶ୍ୟରେ ପୁରୀ ଆସୁଥିଲେ, ଆର୍‌ଟି-ପିଶିଆର୍ ଟେଷ୍ଟ ରିପୋର୍ଟ ସାଙ୍ଗରେ ନେଇ ଆସିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି।

# ନିରାଡ଼ମ୍ବରରେ ପୂଜା ପାଇଲେ ଅଗ୍ରପୂଜ୍ୟ

କରୋନା କଟକଣା ଭିତରେ ଶୁକ୍ରବାର ଭୁବନେଶ୍ୱର, କଟକ, ପୁରୀ, ଖୋର୍ଦ୍ଧା ସମେତ ସାରା ରାଜ୍ୟରେ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜା ସମ୍ପନ୍ନ ହୋଇଛି। ମଣ୍ଡପ, ମନ୍ଦିର, ଘରେ ସବୁଠି ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ଗାଇଡ୍‌ଲାଇନ୍ ଅନୁସାରେ କେବଳ ବିଧି ମୁତାବକ ପାଳନ କରାଯାଇଛି। ସାଧାରଣ ଦର୍ଶନ ବନ୍ଦ ପାଇଁ ମଣ୍ଡପକୁ ଚାରିପଟୁ ଘୋଡ଼ାଯାଇଥିବାବେଳେ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ବହୁ କମ୍ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନେଇ ପୂଜା ଅନୁଷ୍ଠିତ ହୋଇଥିଲା। କେତେକ ବିଦ୍ୟାଳୟରେ ଫଟୋ ଓ ପୂର୍ବରୁ ସ୍ଥାପିତ ମୂର୍ତ୍ତିଙ୍କୁ ପୂଜା କରାଯାଇଥିବା ଦେଖିବାକୁ ମିଳିଥିଲା। ଅଧିକାଂଶ ଛାତ୍ରୀଛାତ୍ର ମୂର୍ତ୍ତି କିଣି ନିଜ ଘରେ ବିଦ୍ୟାଦାତାଙ୍କୁ ପ୍ରାର୍ଥନା କରିଥିଲେ। ପୂର୍ବବର୍ଷଗୁଡ଼ିକ ଭଳି ଏଥର ମଧ୍ୟ ଶିଳ୍ପୀମାନେ ଗଣେଶଙ୍କୁ ବିଭିନ୍ନ ଆକୃତି, ଢଙ୍ଗ ଓ ରଙ୍ଗରେ ଆବାହନ କରିଥିଲେ।

## କରୋନା ସଚେତନତା ବାର୍ତ୍ତା ଦେଲେ ବିଘ୍ନନାଶକ

ଭୁବନେଶ୍ୱର ୟୁନିଟ-୮ସ୍ଥିତ କଳିଙ୍ଗ ଭାରତୀୟ ନାଗରିକ(କେବିଏନ୍) ଗ୍ରୁପ୍ ପକ୍ଷରୁ ଗଣେଶ ପୂଜା ମାଧ୍ୟମରେ କରୋନା ପାଇଁ ସଚେତନତା କରାଯାଇଛି। ପୂଜା ମଣ୍ଡପର ଦୁଇ ପାର୍ଶ୍ୱରେ ଫଟୋ ମାଧ୍ୟମରେ ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ପରିଧାନ କରିବାର ବାର୍ତ୍ତା ଦିଆଯାଇଛି। ଗଣେଶଙ୍କ ସମ୍ମୁଖରେ ଟିକାକରଣ ରେଜିଷ୍ଟ୍ରେଶନ କାଉଣ୍ଟର, ମୁକୁଟ ବଦଳରେ ଶୋଭା ପାଉଛି ରେଡକ୍ରସ ଲୋଗୋ ଥିବା କ୍ୟାପ୍, ହାତରେ ଅସ୍ତ୍ର ବଦଳରେ ଇଞ୍ଜେକ୍ସନ ଓ ଅକ୍ସିଜେନ୍ ଧରି କରୋନାକୁ ପ୍ରତିହତ କରିବାର ସନ୍ଦେଶ ଦେଉଛନ୍ତି ବିଘ୍ନନାଶକ। ସେହିପରି ମୂଷିକମାନେ ନର୍ସଙ୍କ ପୋଷାକ ପିନ୍ଧି ହାତରେ ଟିକାକରଣର ସାର୍ଟିଫିକେଟ୍ ଧରିଛନ୍ତି। ଏନେଇ ଗ୍ରୁପ୍‌ର ଜୀବନ ପଣ୍ଡା କୁହନ୍ତି, ଏପରି ମୂର୍ତ୍ତି ନିର୍ମାଣ କରି ଆମେ ଲୋକଙ୍କୁ ଟିକାକରଣ ପାଇଁ ସଚେତନ କରିବାକୁ ଚେଷ୍ଟା କରୁଛୁ। ଏଥର ଗଣେଶ ପୂଜା ପରେ ଯେପରି ଆମ ସମସ୍ତଙ୍କ ଜୀବନରେ ଖୁସି ପୁଣି ଥରେ ଫେରିଆସିବ ତାହା ଆଶା କରୁଛୁ। ବି.କେ. ଆର୍ଟ କଲେଜର ଛାତ୍ରୀଛାତ୍ର ଏହାକୁ ନିର୍ମାଣ କରିଛନ୍ତି।

## ମୁଗ ଓ ବିହନରେ ଲମ୍ବୋଦର

ଧଉଳି ଚାରୁକଳା ମହାବିଦ୍ୟାଳୟରେ ୧୫ବର୍ଷ ହେବ ପରିବେଶ ଅନୁକୂଳ ଗଣେଶ ମୂର୍ତ୍ତି ତିଆରି କରାଯାଇ ସମାଜକୁ ଭିନ୍ନ ବାର୍ତ୍ତା ଦିଆଯାଉଛି। ଚଳିତ ବର୍ଷ ଅଧ୍ୟାପକ ମାନସ ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଛାତ୍ର ରାକେଶ ବିଶ୍ୱାଳ, ଅବିନାଶ ସାହୁ, ବିଶ୍ୱଦୀପ ବିଶ୍ୱାଳ ଓ ପ୍ରକାଶ ଦାସ ମୁଗ ଓ ବିହନରେ ୪ ଫୁଟ ଉଚ୍ଚର ମୂର୍ତ୍ତି ତିଆରି କରି ପୂଜା କରିଥିଲେ। ଅଧ୍ୟକ୍ଷ ଚନ୍ଦନ କୁମାର ସାମଲ, ଅଧ୍ୟାପିକା ସସ୍ମିତା କାମିଲା, ଲକ୍ଷ୍ମୀଧର ସ୍ୱାଇଁ, ବସନ୍ତ ପ୍ରଧାନ ଓ ବିଚିତ୍ର କାଣ୍ଡି, ପୂର୍ବତନ ଛାତ୍ରୀଛାତ୍ର ଓ ଅନ୍ୟମାନେ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ।





ରସୁଲଗଡ଼ କୋଟିଲେଇ ହାଟ ଗଣେଶ ମଣ୍ଡପ।




## ଗଛରେ ଗଜାନନଙ୍କୁ ଆରାଧନା

ଭୁବନେଶ୍ୱର ବିଜୁ ପଟ୍ଟନାୟକ ପାର୍କଠାରେ ନିଆରା ଗଣେଶ ପୂଜା ଦେଖିବାକୁ ମିଳିଥିଲା। ବକୁଳ ଫାଉଣ୍ଡେଶନର ସଦସ୍ୟମାନେ ଗଛରେ ଗଜାନନଙ୍କ ମୁହଁର ଚିତ୍ର, କାର୍ଡବୋର୍ଡରେ ହାତ, କୁଲାରେ କାନ ତିଆରି କରି ଧୋତି, ମୁକୁଟ, ମାଳି ଓ ଫୁଲରେ ସଜାଇ ପୂଜା କରିଥିଲେ। ମୂର୍ତ୍ତିବଦଳରେ କମ୍ ଖର୍ଚ୍ଚରେ ଗଣେଶ ପୂଜା, ଗଛକୁ ଦେବତାଙ୍କ ସ୍ୱରୂପ ଦର୍ଶାଯିବା ସହ ପରିବେଶ ସୁରକ୍ଷା ପାଇଁ ଏହା ମାଧ୍ୟମରେ ବାର୍ତ୍ତା ଦିଆଯାଇଛି।

## ପ୍ରସିଦ୍ଧ ଜଟଣୀ ଗଣେଶପୂଜା ଫିକା

ଖୋର୍ଦ୍ଧା ଅଫିସ/ଜଟଣୀ, ୧୦।୯ (ଡି.ଏନ୍.ଏ.): ପ୍ରସିଦ୍ଧି ଲାଭ କରିଥିବା ଜଟଣୀ ଗଣେଶ ପୂଜା ଏବର୍ଷ ଫିକା ପଡ଼ିଛି। ହାଟବଜାର, ବଡବଜାର, ଗୋଲେଇ ମାର୍କେଟ୍, ରାଜା ବଜାର, ସୀତାରାମ ଛକ, ଥାନା ଛକ, ମହୁଲଗୁଡିଆ ଛକ, ହରିଭାଇନା ଛକ, କୁଦିଆରୀ ବଜାର, ରେଳଗଙ୍କ କଲୋନୀ ବଜାର, ଗୋପବନ୍ଧୁ ବଜାରରେ ସ୍ୱଳ୍ପ ସଂଖ୍ୟକ କମିଟି ସଦସ୍ୟଙ୍କ ମଧ୍ୟରେ ଏହି ପୂଜା ଆୟୋଜନ ହୋଇଥିଲା। ୧୧ଦିନ ଧରି ଜଟଣୀର ବିଭିନ୍ନ ପୂଜା ମଣ୍ଡପରେ ପୂଜା ପାଇବେ ପ୍ରଭୁ। ଜଟଣୀ ସହର ଓ ଏହାର ପାଖଆଖ ଅଞ୍ଚଳରେ ୩୦୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଗଣେଶଙ୍କ ଆବାହନ କରାଯାଇଥିବା ଜଣାପଡ଼ିଛି। ସେହିପରି ଖୋର୍ଦ୍ଧା ଗୁରୁଜଙ୍ଗ ଦେଓ୍ୱାନ ସାହି, ମା' ଜେନାମଣି କ୍ଲବ, ହାଉସିଂ ବୋର୍ଡ ଶହୀଦ ଜୟୀ ରାଜଗୁରୁ କ୍ଲବ, ନନ୍ଦ ସାହି, ମାଳିସାହି, ଡାକ୍ତର ଲେନ, ସାମନ୍ତରାପୁର, ଠେଙ୍ଗାହାଟ, ମୁକୁନ୍ଦପ୍ରସାଦ, ଶ୍ରୀରାମନଗର ଯୁବକ ସଂଘ, ଭାଲିଆବାଡି, ଜେମାଦେଇ, ପଲ୍ଲା ଛକ, ବିଡିଏ କଲୋନୀ ଆଦି ସାହି ଗଳିରେ ଛୋଟ ବଡ ପୂଜାମଣ୍ଡପରେ ବିଘ୍ନରାଜଙ୍କ ପୂଜା ଚାଲିଛି। ଏଥିସହ ପଲ୍ଲା ବରୁଣେଇ କ୍ଲବ, ପଲ୍ଲା ତାରିଣୀ କ୍ଲବରେ ଗଣେଶ ପୂଜା ଆୟୋଜନ ହୋଇଥିଲା।

## ଶ୍ରୀମନ୍ଦିରରେ ଗଣେଶ ଚତୁର୍ଥୀ ନୀତି

ପୁରୀ ଅଫିସ, ୧୦।୯

ଭାଦ୍ରବ ଶୁକ୍ଳ ଚତୁର୍ଥୀ ତିଥିରେ ଶୁକ୍ରବାର ଶ୍ରୀମନ୍ଦିରରେ ଗଣେଶ ଚତୁର୍ଥୀ ପାଳିତ ହୋଇଛି। ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟା ଧୂପ ବଢ଼ିବା ପରେ ଭିତର ବେଢାରେ ଥିବା ବଟ ଗଣେଶଙ୍କ ନିକଟରେ ଶୀତଳ ଭୋଗ ମଣୋହି ହୋଇ ବନ୍ଦାପନା ହୋଇଥିଲା। ପରେ ଦେବୀ ସରସ୍ୱତୀ ଓ ଭୁବନେଶ୍ୱରୀଙ୍କ ପାଖରେ ଶୀତଳ ଭୋଗ ଓ ବନ୍ଦାପନା ନୀତି ସମ୍ପନ୍ନ କରାଯାଇଥିଲା। ବେହେରଣ କରଣଙ୍କ ମାଦଳା ପାଞ୍ଜିକୁ ଭଦ୍ରାସନ ଉପରେ ବିଜେ କରାଯାଇ ପଟନୀ ଓ ପୁଷ୍ପମାଲ୍ୟ ସହ ପୂଜାର୍ଚ୍ଚନା କରାଯାଇଥିଲା। ଏଠାରେ ଶୀତଳ ଭୋଗ ଓ ବନ୍ଦାପନା ନୀତି ସମ୍ପନ୍ନ ପରେ ବେହେରଣ କରଣଙ୍କ ଦ୍ୱାରା ୨୨ ଟି ନଡ଼ିଆ ଭଙ୍ଗାଯାଇଥିଲା। ସେହିପରି ଶ୍ରୀମନ୍ଦିରରେ ଅନ୍ୟାନ୍ୟ ନୀତି ବଢ଼ି ଶ୍ରୀବିଗ୍ରହମାନଙ୍କ ରାତ୍ର ପହୁଡ଼ ହୋଇଥିଲା।

## ଲିଙ୍ଗରାଜ ମନ୍ଦିରରେ ମହାବିନାୟକ ବ୍ରତ

ପୁରୁଣା ଭୁବନେଶ୍ୱର, ୧୦।୯(ଡି.ଏନ୍.ଏ.)

ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ଶ୍ରୀଲିଙ୍ଗରାଜଙ୍କ ପ୍ରାତଃ ଆଳତି, ଅବକାଶ ପରେ ରୋଷହୋମ କରାଯାଇଥିଲା। ଦୈନିକ ନୀତି ଭୋଗମଣ୍ଡପ ସରିବା ପରେ ବାଇସ ପାହାଚ ନିକଟରେ ଥିବା ସିଦ୍ଧ ବିନାୟକଙ୍କ ପାଖରେ ମନ୍ଦିର କୁଳ ପୁରୋହିତ ମନୋରଞ୍ଜନ ଦାଶଙ୍କ ଦ୍ୱାରା ମହାବିନାୟକ ବ୍ରତ ସମ୍ପାଦନ କରାଯାଇଥିଲା। ଏହା ପରେ ଅନ୍ୟାନ୍ୟ ନୀତି କରାଯାଇ ସନ୍ଧ୍ୟାଧୂପ ଓ ଠାକୁରାଣୀ ସନ୍ଧ୍ୟାଧୂପ ସରିବା ପରେ ମନ୍ଦିର ପୁରୋହିତଙ୍କ ଦ୍ୱାରା ନାଟ ମନ୍ଦିରରେ ମନ୍ଦିର ଅଫିସରୁ ଆସିଥିବା ପୋଥି ଓ ଲିଖନୀ ପୂଜା କରାଯାଇଥିଲା। ପରେ ଉକ୍ତ ଦିନର ପାଳିଆ ପୂଜାପଣ୍ଡା ସିଦ୍ଧି ବିନାୟକଙ୍କ ପାଖରେ ଷୋଡ଼ଷ ଉପଚାରରେ ଭୋଗ ନୈବେଦ୍ୟ କରିଥିଲେ। ମନ୍ଦିର ଅଧିକାରୀମାନେ ଓ ପଞ୍ଚାୟତି ପୁଷ୍ପାଞ୍ଜଳି ନେଇଥିଲେ। ନଡ଼ିଆ ଭାଙ୍ଗି ଅନ୍ୟାନ୍ୟ ନୀତି ହୋଇଥିଲା।



ଭୁବନେଶ୍ୱରର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପଙ୍କ ଅଶ୍ୱତ୍ଥ ପତ୍ରରେ ଗଜାନନଙ୍କୁ ଆରାଧନା।

## ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ଗଣେଶପୂଜା



କଟକ ଅଫିସ, ୧୦।୯

ଡ୍ରିମ୍ସ ଶିକ୍ଷାନୁଷ୍ଠାନ ସମୂହର ବିଭିନ୍ନ ଶାଖାରେ ପୂଜା ଅନୁଷ୍ଠିତ ହୋଇଥିଲା। ଡ୍ରିମ୍ସ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ଦାସ ବିଘ୍ନରାଜଙ୍କୁ ନୈବେଦ୍ୟ ଅର୍ପଣ କରିଥିଲେ। ସେହିପରି ଖାନ୍‌ନଗରସ୍ଥିତ ତ୍ରିରଙ୍ଗା କ୍ଲବ ପକ୍ଷରୁ ଖଲିପତ୍ର ଓ ଠୋଲାରେ ଆସ୍ଥାନକୁ ସଜାଇ ଗଣେଶଙ୍କ ପୂଜା କରାଯାଇଥିଲା।

## ଉତ୍କଳ ସାମ୍ବାଦିକ ସଂଘ

ଭୁବନେଶ୍ୱର, ୧୦।୯ (ବ୍ୟୁରୋ): ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଶ୍ରୀ ଗଣପତି ପୂଜା ପାଳିତ ହୋଇଯାଇଛି। ବିଧି ଅନୁସାରେ ସମସ୍ତ ପୂଜା କାର୍ଯ୍ୟ ସମ୍ପନ୍ନ ପରେ ସଂଘର କର୍ମକର୍ତ୍ତା ପୁଷ୍ପାଞ୍ଜଳି ଦେଇଥିଲେ। ସଂଘ



ସଭାପତି ବିଭୂତିଭୂଷଣ କର, ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ରାଜେନ ଚୌଧୁରୀ, ପ୍ରତାପ ପ୍ରଧାନ ଓ ଲିଙ୍ଗରାଜ ସାହୁଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ କାର୍ଯ୍ୟରତ ସାମ୍ବାଦିକ ଉପସ୍ଥିତ ଥିଲେ। ସଦସ୍ୟ ଭରତ ବେହେରା ପୂଜା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଭୁବନେଶ୍ୱର ନ୍ୟୁଜ୍‌ପେପର ସପ୍ଲାୟର୍ସ ଆସୋସିଏଶନ।



ଭୁବନେଶ୍ୱର ୟୁନିଟ୍-୧ କ୍ୟାପିଟାଲ୍ ଗର୍ଲ୍ସ ହାଇସ୍କୁଲ।



ଭୁବନେଶ୍ୱର: ଅଲ୍ ନ୍ୟୁଜ୍‌ପେପର ସପ୍ଲାୟର୍ସ ସୋସିଆଲ୍ ୱେଲ୍‌ଫେୟାର ଆସୋସିଏଶନ।



କଟକ ଖାନ୍‌ନଗର ତ୍ରିରଙ୍ଗା କ୍ଲବ୍।



ଜଟଣୀ ବଡ଼ବଜାର ଗଣେଶ ମଣ୍ଡପ।



ଜଟଣୀ ସୀତାରାମ ଛକ ଗଣେଶ ମଣ୍ଡପ।



ଜଟଣୀ ଗୋଲେଇ ମାର୍କେଟ୍ ଗଣେଶ ମଣ୍ଡପ।



କଟକ ଝାଞ୍ଜିରମଙ୍ଗଳା ତ୍ରିନାଥ ବଜାର ଗଣେଶ ମଣ୍ଡପ।



କୋଣାର୍କ ସାମ୍ବାଦିକ ସଂଘ କାର୍ଯ୍ୟାଳୟ।



ପୁରୀ କୁଣ୍ଡେଇବେଣ୍ଟ ସାହି ପଞ୍ଚମୁଖୀ ଗଣେଶ।



ପୁରୀ କରତିସାହି ମଣ୍ଡପ।

## ସଂକ୍ଷେପରେ

### ଖଣ୍ଡା ଚୋଟରେ ଜଣେ ଗୁରୁତର

**ବାଲିପାଟଣା,୧୦।୯(ଡି.ଏନ୍.ଏ.):** ବାଲିପାଟଣା ଥାନା ଅନ୍ତର୍ଗତ ଭାକରସାହି ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ବ୍ୟକ୍ତିଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଛି। ସେ ହେଲେ ଏହି ଗ୍ରାମର ଅର୍ଜୁନ ବେହେରା। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଅର୍ଜୁନ ଓ ଗ୍ରାମର ବିପିନ ବେହେରାଙ୍କ ପରିବାର ମଧ୍ୟରେ ଜମିଜମାକୁ ନେଇ ବିବାଦ ଲାଗି ରହିଥିଲା। ଗୁରୁବାର ରାତିରେ କୌଣସି କାରଣରୁ ଉଭୟ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଖବରପାଇ ପୋଲିସ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଶୁକ୍ରବାର ସକାଳେ ଅର୍ଜୁନ କେନାଲକୁ ଗାଧୋଇବାକୁ ଯାଉଥିବା ବେଳେ ପୂର୍ବରୁ ଖଣ୍ଡା ଧରି ଲୁଚି ରହିଥିବା ବିପିନ ହଠାତ୍ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଅର୍ଜୁନଙ୍କ ହାତ ଏବଂ ଗୋଡରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଏମ୍ସ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅପ୍ୟପଟେ ଉଭୟ ପରିବାରଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା (୨୨୯, ୨୩୦/୨୧)ରୁଜୁକରି ତଦନ୍ତ ଚଳାଇଛି।

### ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

**ବାଲୁଗାଁ,୧୦।୯(ଡି.ଏନ୍.ଏ.):** ବାଲୁଗାଁ ନିକଟସ୍ଥ ଆଙ୍କୁଲା ଛକଠାରେ ଶୁକ୍ରବାର ବାଇକ୍‌ରୁ ପଡ଼ି ଜଣେ ଯୁବକ ଗୁରୁତର ହୋଇଛନ୍ତି। ତେବେ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ବାଲୁଗାଁ ନିକଟ ୫ନଂ. ଜାତୀୟ ରାଜପଥରେ ଏକ ବାଇକ୍‌ରେ ଜଣେ ଯୁବକ ଯାଉଥିବା ବେଳେ ଆଙ୍କୁଲା ଛକ ନିକଟରେ ଭାରସାମ୍ୟ ହରାଇ ତଳେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ବାଲୁଗାଁ ଅଗ୍ନିଶମ କର୍ମଚାରୀ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

### ବାଇକ୍ ଚୋରକୁ କାବୁ କଲେ ରେଳ କର୍ମଚାରୀ

**ଜଟଣୀ,୧୦।୯(ଡି.ଏନ୍.ଏ.):** ଜଟଣୀ ସହର ଓ ଏହାର ପାଖଆଖ ଅଞ୍ଚଳରେ ଦିନକୁ ଦିନ ଚୋରି, ଛିନତାଇ ବଢ଼ିବାରେ ଲାଗିଛି। ଶୁକ୍ରବାର ମଧ୍ୟାହ୍ନରେ ସ୍ଥାନୀୟ ଲୋକ କଲୋନୀ ନିକଟରେ ଥିବା ପୂର୍ବତଟ ରେଳବାଇ କ୍ରିୟୁ କଣ୍ଟ୍ରୋଲ ଲବି ବାହାରେ ରହିଥିବା ଏକ ବାଇକକୁ ଜଣେ ଯୁବକ ଚୋରିକରି ନେଉଥିବା ବେଳେ ରେଳ କର୍ମଚାରୀମାନେ ତାଙ୍କୁ କାବୁ କରିଥିଲେ। ଉକ୍ତ ଯୁବକକୁ ମାଡ଼ ମାରିବା ସହ ପୋଲିସ ଜିମା ଦେଇଛନ୍ତି।

### ୧୩ ଗୋରୁ ଉଦ୍ଧାର, ଚାଳକ ଗିରଫ

**ବେଗୁନିଆ,୧୦।୯(ଡି.ଏନ୍.ଏ.):** ବେଗୁନିଆ ପୋଲିସ ଶୁକ୍ରବାର ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ସେ ହେଲେ କଡ଼ବ ଗାଁର ସେକ୍ ଲିଆକତ। ଏଥିସହ ପୋଲିସ ୧୩ ଗୋରୁଙ୍କୁ ଉଦ୍ଧାର କରିଛି। ସୂଚନା ମୁତାବକ, ନୟାଗଡ଼ ଜିଲା ବାଣପୁର ଅଞ୍ଚଳରୁ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ୧୩ ଗୋରୁଙ୍କୁ ଚାଲାଣ କରାଯାଉଥିବା ନେଇ ବେଗୁନିଆ ପୋଲିସକୁ ସୂଚନା ମିଳିଥିଲା। ୭ନଂ.ଜାତୀୟ ରାଜପଥ ଅଧୀନ ଟିକାତାଳ ଛକ ନିକଟରେ ପୋଲିସ ଯାଞ୍ଚ ବେଳେ ଗାଡି ଜବତ କରିବା ସହ ଚାଳକଙ୍କୁ ଗିରଫ କରିଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୭୬/୨୧) ରୁଜୁକରି ଚାଳକଙ୍କୁ କୋର୍ଟଚାଲାଣ କରିଛି।

### ଦିନରେ ସହଯୋଗ, ରାତିରେ ଚୋରି

**ଝାଁଳା,୧୦।୯(ଡି.ଏନ୍.ଏ.):** ଝାଁଳା ଫାଣ୍ଡି ଅନ୍ତର୍ଗତ ଗଙ୍ଗପଡ଼ା ଗ୍ରାମରେ ଦୁଇ ଜଣ ବ୍ୟକ୍ତି ଦିନରେ ଏକ ସମୂହ କାର୍ଯ୍ୟରେ ସହଯୋଗ କରି ରାତିରେ ଚୋରି କରି ଧରାପଡ଼ିଛନ୍ତି। ସ୍ଥାନୀୟ ଲୋକେ ଦୁଇ ବ୍ୟକ୍ତିଙ୍କୁ ମାଡ଼ ମାରି ଛାଡ଼ିଦେଇଥିଲେ। ସୂଚନା ମୁତାବକ, ବୁଧବାର ଗଙ୍ଗପଡା ଗ୍ରାମରେ କଲ୍ୟାଣୀ ମଣ୍ଡପ ଛାତ ପଡୁଥିଲା। ଉକ୍ତ କାର୍ଯ୍ୟରେ ଦୁଇ ଜଣ ବ୍ୟକ୍ତି ସହଯୋଗ କରିଥିଲେ। ରାତି ପ୍ରାୟ ୯ଟାରେ ବ୍ୟକ୍ତିଦ୍ୱୟ ବଳକା ସିମେଣ୍ଟ ବସ୍ତାକୁ ବିକ୍ରି କରୁଥିବା ବେଳେ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିଲେ। ପରେ ଗ୍ରାମବାସୀ ମାଡ଼ ମାରି ଛାଡ଼ିଦେଇଥିଲେ। ସେହିପରି ଗଙ୍ଗପଡା ମେଳଣ ପଡିଆ ନିକଟ ଏକ ଘରୁ ଚୋରି ଉଦ୍ୟମ ବେଳେ ବ୍ୟକ୍ତିଦ୍ୱୟ ମାଡ଼ ଖାଇଥିବା ଚର୍ଚ୍ଚା ହେଉଛି।

# ଖାଲି ପଡ଼ିଛି ପଦବୀ, କାର୍ଯ୍ୟ ବାଧାପ୍ରାପ୍ତ

**ବେଗୁନିଆ,୧୦।୯(ଡି.ଏନ୍.ଏ.)**

**ବେଗୁନିଆ କୃଷି ଗବେଷଣା ଓ ପରାମର୍ଶ କେନ୍ଦ୍ର**
- ଚାଷୀଙ୍କ ପାଖକୁ ଯାଉନାହାନ୍ତି କୃଷି ଗ୍ରାମସେବକ
- କୃଷକ ଜାଣିନାହାନ୍ତି ମାଟି ପରୀକ୍ଷଣ ପ୍ରକ୍ରିୟା

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ରହିଥିବା କୃଷି ଗବେଷଣା ଓ ପରାମର୍ଶ କେନ୍ଦ୍ରରେ ଦୀର୍ଘଦିନ ହେବ ଅଧିକାରୀ ଓ କର୍ମଚାରୀଙ୍କ ପଦବୀ ଖାଲିପଡିଛି। ଫଳରେ ଚାଷୀଙ୍କ ପାଇଁ ଆସୁଥିବା ବିଭିନ୍ନ ଯୋଜନା, କୃଷି ପରାମର୍ଶ ସହିତ ସରକାରୀ କାର୍ଯ୍ୟରେ ବାଧାପ୍ରାପ୍ତ ସୃଷ୍ଟି ହେଉଛି। ଏନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଏହି କାର୍ଯ୍ୟାଳୟରେ ଜଣେ ବ୍ଲକ ଏଗ୍ରିକଲଚର ଅଫିସର (ବିଏଓ) ଓ ଜଣେ ଅତିରିକ୍ତ ଏଗ୍ରିକଲଚର ଅଫିସର ପଦବୀ ଖାଲି ପଡିଛି। ଏଥିସହ ଗଡ଼ମାଣତୀର ସେକ୍ଟର ଅଧୀନରେ କାର୍ଯ୍ୟ କରୁଥିବା ଜଣେ ଅତିରିକ୍ତ ଏଗ୍ରିକଲଚର ଅଫିସର ପିଜି କରିବା ପାଇଁ ଛୁଟିରେ ରହିଛନ୍ତି। ଫଳରେ ସରକାରୀ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହୋଇଛି। ଖରିଫ ଧାନ ଫସଲ ପାଇଁ ସେପ୍ଟେମ୍ବର ଚାଷୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ଧାନ ଫସଲରେ ରୋଗ ଓ ପୋକ ଲାଗିବାରୁ ଏହାର ପ୍ରତିକାର ପାଇଁ ଚାଷୀମାନେ କାର୍ଯ୍ୟାଳୟକୁ ଆସୁଥିଲେ ମଧ୍ୟ ପରାମର୍ଶଦାତାଙ୍କ ଅଭାବରୁ ଫେରିଯାଉଛନ୍ତି। ଅନ୍ୟପଟେ ଅଧିକାରୀଙ୍କ ପଦବୀ ଖାଲି ପଡ଼ିଥିବା ଯୋଗୁ ଜୈବିକ ସାରର ପ୍ରୟୋଗ, ଧାଡି ରୁଆ, ଫସଲ ବୀମା ଯୋଜନା ସହିତ ରୋଗ ଓ ପୋକର ପ୍ରତିକାର ସମ୍ପର୍କରେ ଚାଷୀମାନେ ସୂଚନା ପାଇପାରୁ ନାହାନ୍ତି। ଏହି ବ୍ଲକର ୨୧ ପଞ୍ଚାୟତ ପାଇଁ ୧୪ଜଣ କୃଷି ଗ୍ରାମ ସେବକ(ଭିଏଡବ୍ଲୁ) ରହିବା ପାଇଁ ନିୟମ ରହିଥିବା ବେଳେ ଏଠାରେ ୩ ଜଣ ରହିଛନ୍ତି। ସପ୍ତାହର ଗୋଟିଏ ଦିନ କୃଷି ଗ୍ରାମ ସେବକମାନେ ପଞ୍ଚାୟତ କାର୍ଯ୍ୟାଳୟରେ ଚାଷୀଙ୍କ କୃଷି ସମସ୍ୟାର ସମାଧାନ କରିବେ। ଏହି ପଦବୀ ଖାଲିପଡ଼ିଥିବା ଯୋଗୁ ଚାଷୀଙ୍କ ନିକଟତର ହେବା ଅସମ୍ଭବ ବୋଲି ଜଣେ ଭିଏଡବ୍ଲୁ ନାମ ଗୋପନ ରଖି କହିଛନ୍ତି। କୃଷି ଗବେଷକଙ୍କ ଠାରୁ ପରାମର୍ଶ ନେଇ କିଭଳି ଉତ୍ପାଦନ ଶକ୍ତି ବୃଦ୍ଧି ପାଇବ ସେ ନେଇ କେନ୍ଦ୍ର ସରକାର ମାଟିର ପରୀକ୍ଷା ପାଇଁ ୨୦୧୫-୧୬ ଆର୍ଥିକ ବର୍ଷରୁ ନମୁନା ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରୀକ୍ଷଣ କଲେ ମୃତ୍ତିକାର କିସମ ଓ ଗୁଣ ଚିହ୍ନଟ କରି ହୁଏ। ଅଧିକ ଉତ୍ପାଦନ ପାଇଁ ଆବଶ୍ୟକ ଖତ ଓ ସାର ବିଭାଗ ପକ୍ଷରୁ ଅନୁମୋଦନ କରାଯାଇଥାଏ। ଏହା ଦ୍ୱାରା ଚାଷୀ ଅଧିକ ଖର୍ଚ୍ଚାନ୍ତ ହୁଅନ୍ତି ନାହିଁ। ସେହିପରି ମାଟିର ଉର୍ବରତା ଓ ଗୁଣାତ୍ମକ ମାନ ଅତୁଟ ରହେ। ମାଟିର ସ୍ୱାସ୍ଥ୍ୟ ପରୀକ୍ଷଣ ଚାଷ ପାଇଁ ଆବଶ୍ୟକ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି। ଚଳିତ ଖରିଫ ଋତୁରେ ପରାମର୍ଶ ଦାତାଙ୍କ ଅଭାବରୁ ଏହି ବ୍ଲକର ଚାଷୀମାନେ ପରୀକ୍ଷଣ ସମ୍ପର୍କରେ ଅବଗତ ହୋଇ ପାରିଲେନି ବୋଲି ଅଭିଯୋଗ ହେଉଛି।



ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଲିଙ୍ଗରାଜ ମନ୍ଦିରକୁ ଯିବା ରାସ୍ତା ପାର୍ଶ୍ୱରେ ଥିବା ବିଶାଳ ଗଛଗୁଡ଼ିକୁ କଟାଯାଉଛି।

## ଖୋର୍ଦ୍ଧା ସବ୍‌ଜେଲରେ ସହାୟତା କେନ୍ଦ୍ର ଉଦ୍‌ଘାଟିତ




ଉଦ୍‌ଘାଟନୀ ଅବସରରେ ଜେଲ୍ ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ ଏବଂ ଅନ୍ୟମାନେ।

**ଖୋର୍ଦ୍ଧା ଅଫିସ,୧୦।୯**

ଖୋର୍ଦ୍ଧା ସବ୍ ଜେଲ ପରିସରରେ ସାମାଜିକ ଅନୁଷ୍ଠାନ ମାଧ୍ୟମ ସହଯୋଗରେ କିରଣ ନାମକ ଏକ ସହାୟତା କେନ୍ଦ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜେଲ୍ ମହାନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ସଭାପତି ସାମାଜିକ କର୍ମୀ ନମ୍ରତା ଚଢ଼ା, ଉପସଭାନେତ୍ରୀ କାନ୍ତା ମହାନ୍ତି, ସମ୍ପାଦକ ରାଜଲକ୍ଷ୍ମୀ ଦାସ, ସ୍ନେହାଞ୍ଜଳି ମହାନ୍ତି, ଅନୁଷ୍ଠାନର ନିର୍ଦ୍ଦେଶିକା ମହାଶ୍ୱେତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜେଲ ପରିସରରେ ରହୁଥିବା କଏଦୀଙ୍କ ଜୀବନଶୈଳୀ ପରିବର୍ତ୍ତନ ଓ ଆର୍ଥିକ ସୁଧାର ପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଉଛି ବୋଲି ଜେଲ୍ ମହାନିର୍ଦ୍ଦେଶକ ଉପାଧ୍ୟାୟ କହିଛନ୍ତି। ମହିଳା ଅନ୍ତେବାସୀଙ୍କ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ସକାଶେ ଏହି ସହାୟତା କେନ୍ଦ୍ର ସ୍ଥାପନର ଉଦ୍ଦେଶ୍ୟ ବୋଲି ଅନୁଷ୍ଠାନ ସଭାପତି ଚଢ଼ା କହିଥିଲେ। ଖୋର୍ଦ୍ଧା ସବ୍ ଜେଲ ଅଧୀକ୍ଷକ କୃଷ୍ଣଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରେଳ ଷ୍ଟେଶନରୁ ବ୍ୟାଗ୍ ଝାମ୍ପି ଜଣେ ଗିରଫ

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**

ଭୁବନେଶ୍ୱର ରେଳ ଷ୍ଟେଶନରୁ ଜଣେ ବ୍ୟକ୍ତିଙ୍କଠାରୁ ବ୍ୟାଗ୍ ଝାମ୍ପି ନେଇ ପଳାଇଯାଉଥିବା ବେଳେ ଜିଆର୍‌ପି ଓ ଆର୍‌ପିଏଫ୍ ଜଣେ ଯୁବକଙ୍କୁ କାବୁ କରିଛନ୍ତି। ସେ ହେଲେ ପୁରୀ ଜିଲା ସଦର ଥାନା ଭୁଦନଗରର ରଞ୍ଜିତ୍ ବେହେରା(୨୬)। ଏ ନେଇ ଜିଆର୍‌ପି ଏକ ମାମଲା (ନଂ- ୬୮/୨୧) ରୁଜୁ କରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତଙ୍କଠାରୁ ଟଙ୍କା ଓ ୬ଟି ଚୋରା ମୋବାଇଲ ଜବତ ହୋଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ସକାଳୁ ଅନୁଗୋଳ ଠାକୁରଗଡ଼ ଅଞ୍ଚଳର ଦୁଷ୍ମନ୍ତ ୪ ନମ୍ବର ପ୍ଲାଟଫର୍ମରେ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ରଞ୍ଜିତ୍ ତାଙ୍କଠୁ ବ୍ୟାଗ୍ ଝାମ୍ପି ଦୌଡି ପଳାଉଥିବା ବେଳେ ପୋଲିସ ହାତରେ ଧରାପଡିଥିଲେ। ରଞ୍ଜିତ୍‌ଙ୍କ ବ୍ୟାଗରେ ୬୬ ହଜାର ଟଙ୍କା ଓ ଗୋଟିଏ ମୋବାଇଲ ଥିଲା।

## ସିରିଜ ଲୁଟ୍: ୨ ଅଟକ

**ବାଲୁଗାଁ,୧୦।୯(ଡି.ଏନ୍.ଏ.)**

ବାଲୁଗାଁ ବାଣପୁର ବାଇପାସ ରାସ୍ତାରେ ଲୁଟେରାମାନେ ସକ୍ରିୟ ହୋଇଉଠିଛନ୍ତି। ଶୁକ୍ରବାର ଏହି ବାଇପାସ ରାସ୍ତରେ ସିରିଜ ଲୁଟ୍ ହୋଇଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୩୧୪/୨୧) ରୁଜୁକରି ୨ ଜଣଙ୍କୁ ଅଟକ ରଖିଛି। ଏଥିସହ ପୋଲିସ ଗୋଟିଏ ମୋବାଇଲ, ଗୋଟିଏ ଗାଡ଼ିର ଚାବି ଏବଂ ୫,୨୭୦ଟଙ୍କା ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ୩ଜଣ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ପୋଲିସ ସୂଚନା ମୁତାବକ, ବାଇପାସ ରାସ୍ତାର ମଠପାଟଣା ଛକଠାରେ ୨ଜଣ ଦୁର୍ବୃତ୍ତ ଏକ ପାର୍ସଲ ଭ୍ୟାନକୁ ଅଟକାଇଥିଲେ। ଏହା ପରେ ଆଉ ୩ଜଣ ଦୁର୍ବୃତ୍ତ ମିଳିତଭାବେ ହଠାତ୍ ଚାଳକଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ତାଙ୍କ ଠାରୁ ମୋବାଇଲ ଫୋନ ଏବଂ ଗାଡ଼ି ଚାବି ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ସେହିପରି ଉକ୍ତ ବାଇପାସ ରାସ୍ତାର ସରନଈ ଓଭରବ୍ରିଜ୍ ଠାରେ ଯୋଜନା ମୁତାବକ ପ୍ରଥମେ ଦୁଇ ଜଣ ଯୁବକ ଏକ ତେଲ ବୋଝେଇ ଗାଡ଼ିକୁ ଅଟକାଇଥିଲେ। ଆଉ ୩ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ଡ୍ରାଇଭରକୁ ମାଡ଼ ମାରିବା ସହ ତାଙ୍କ ଠାରୁ ମନିପର୍ସ ଓ ଗାଡ଼ି ଚାବି ଲୁଟି ନେଇଥିଲେ। ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଏହା ଦେଖି ସେମାନଙ୍କୁ ବିରୋଧ କରିବା ସହ କାବୁ କରି ପୋଲିସ୍‌କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ବେଳକୁ ୩ଜଣ ଦୁର୍ବୃତ୍ତ ସେଠାରୁ ଫେରାର ହୋଇଯାଇଥିଲେ। ପୋଲିସ ଅନ୍ୟ ୨ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଧରାଯିବ ବୋଲି ପୋଲିସ କହିଛି।

# ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ ପରେ ମିଳିଲା ସହାୟତା

**ନିରାକାରପୁର,୧୦।୯(ଡି.ଏନ୍.ଏ.)**

**ବିଦ୍ୟୁତ୍ ଆଘାତରେ ନାବାଳିକା ମୃତ୍ୟୁ ଘଟଣା**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ବାଲିପାଟପୁର ଗ୍ରାମରେ ୨୦୨୦ ଜୁଲାଇ ୭ରେ ବିଦ୍ୟୁତ୍ ଆଘାତରେ ଡମ୍ବରୁ ବେହେରାଙ୍କ ଝିଅ ବର୍ଷା ବେହେରା(୭)ଙ୍କ ମୃତ୍ୟୁ ହୋଇଥିଲା। ଉକ୍ତ ସମୟରେ ପରିବାର ଓ ଗ୍ରାମବାସୀଙ୍କ ଆନ୍ଦୋଳନ ଯୋଗୁ ମୃତକଙ୍କ ପରିବାରକୁ ୨୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ବର୍ଷାଙ୍କ ମୃତ୍ୟୁ ଘଟିଥିବା ଦର୍ଶାଇ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରି ପୁରୀ ଜିଲା କଣାସ ବ୍ଲକ ବଡଓରା ଗ୍ରାମର ଅରୁଣ କୁମାର ସାମନ୍ତରାୟ ଜାତୀୟ ମାନବାଧିକାର କମିଶନ(ଏନଏଚଆରସି)ଙ୍କ ନିକଟରେ ୧୦/୭/୨୦୨୦ରେ ଏକ ମାମଲା ଦାଖଲ କରିଥିଲେ। ଏନେଇ ଏକ ମାମଲା (ନଂ.୯୯୪୭/୨୦) ହୋଇଥିଲା। ମାନବାଧିକାର କମିଶନ ଏହାକୁ ବିଚାର କରି ମୃତକଙ୍କ ପରିବାରକୁ ୩ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଓଡ଼ିଶା ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ଟାଙ୍ଗୀ ବିଦ୍ୟୁତ୍ ସବ ଡିଭିଜନ ଅଧୀନରେ ଥିବା ଭୁଷଣ୍ଡପୁର ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ ମୃତକଙ୍କ ବାପା ଡମ୍ବରୁଙ୍କୁ ୩ଲକ୍ଷ ଟଙ୍କାର ଏକ ଚେକ ପ୍ରଦାନ କରିଛନ୍ତି ବୋଲି ମାନବାଧିକାରଙ୍କ ଦ୍ୱାରସ୍ଥ ହୋଇଥିବା ସାମନ୍ତରାୟ କହିଛନ୍ତି। ସୂଚନାଥାଉ କି, ଡମ୍ବରୁଙ୍କ ଛାତ ଉପରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତାଙ୍କ ଝିଅଙ୍କ ମୃତ୍ୟୁ ହୋଇଥିଲା।

## ୪ ମୋବାଇଲ ଜବତ, ୨ ଗିରଫ

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**

ମୋବାଇଲ ଲୁଟ୍ ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ୨ ଲୁଟେରାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଥାନା ୟୁନିଟ୍-୪ ମଙ୍ଗଳା ବସ୍ତିରେ ରହୁଥିବା ରିଙ୍କୁ ବେହେରା(୨୫) ଓ ମାଷ୍ଟରକ୍ୟାଣ୍ଟିନ୍ ନିକଟରେ ରହୁଥିବା ଗଞ୍ଜାମ ଜିଲା ଭଞ୍ଜନଗର ଥାନର ସନ୍ତୋଷ ସ୍ୱାଇଁ(୪୮)। ଏମାନଙ୍କଠାରୁ ଲୁଟ୍ ମୋବାଇଲ୍ ସମେତ ୪ଟି ମୋବାଇଲ୍ ଜବତ ହୋଇଛି। ସୂଚନା ଅନୁଯାୟୀ, ବୁଧବାର ରାତିପ୍ରାୟ ୧୧ଟା ୩୦ ସମୟରେ ୟୁନିଟ-୪ ମାର୍କେଟରୁ ବାଲିଅନ୍ତା ଥାନା କାନ୍ତାସାହିର ସମୀର ସାହୁ ଫେରୁଥିବା ବେଳେ ସନ୍ତୋଷ ତାଙ୍କଠୁ ମୋବାଇଲ ଝାମ୍ପି ନେଇ ଫେରାର ହୋଇଯାଇଥିଲେ।

## 'ଆସ ଗଢ଼ିବା ସ୍ୱପ୍ନର ଦେଶ' ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**

ଶ୍ରୀ ଗଣେଶ ଚତୁର୍ଥୀ ଅବସରରେ ଲେଖିକା, ସଙ୍ଗଠିକା ଅମ୍ବିକା ସ୍ୱାଇଁଙ୍କ ଶିଶୁ କବିତା ପୁସ୍ତକ 'ଆସ ଗଢ଼ିବା ସ୍ୱପ୍ନର ଦେଶ' ଲୋକାର୍ପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡ. ବସନ୍ତ କିଶୋର ସାହୁ ଯୋଗଦେଇ ପୁସ୍ତକର ସମୀକ୍ଷା କରି ଭାଷା ଶବ୍ଦ ସଂଯୋଜନା ସହିତ ଲେଖାଗୁଡ଼ିକ ସରଳ, ଶିଶୁ ମନ ଉପଯୋଗୀ ସହ ବେଶ ଶିକ୍ଷଣୀୟ ହୋଇପାରିଛି ବୋଲି କହିଥିଲେ। ସୁନ୍ଦର ସମାଜ, ଦେଶ ଗଠନ ପାଇଁ ଏଥିରେ ବାର୍ତ୍ତା ଭରି ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ଲେଖିକା ସ୍ୱାଇଁ ପୁସ୍ତକଟିର ଲେଖକୀୟ ଆଭିମୁଖ୍ୟ ଅବତାରଣା କରିବା ସହିତ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସାହିତ୍ୟିକ ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ ବିପିନ ବିହାରୀ ମିଶ୍ର, ବିଶିଷ୍ଟ ସାହିତ୍ୟିକା, ଅନୁବାଦିକା ଡ. ଶକୁନ୍ତଳା ବଳିୟାର ସିଂହ, ବରିଷ୍ଠ ଶିଶୁ ସାହିତ୍ୟିକ ଡ. ଦିଗରାଜ ବ୍ରହ୍ମା, ଶିକ୍ଷାବିତ ତଥା ସମୀକ୍ଷକ ଡ. ବସନ୍ତ କିଶୋର ସାହୁ, ବରିଷ୍ଠ ଶିଶୁ ସାହିତ୍ୟିକା ସରଳା ପତ୍ରି, ରାଜ୍ୟ ଶିଶୁ ସାହିତ୍ୟ ଲେଖକ ସମ୍ମେଳନ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଏବଂ ଲେଖିକାଙ୍କର ବଡ଼ ଭାଇ ଓଡ଼ିଶା ଅଗ୍ନିଶମ ବିଭାଗର ସର୍ବୋଚ୍ଚ ଅଧିକାରୀ ମହେଶ୍ୱର ସ୍ୱାଇଁ ଯୋଗଦେଇଥିଲେ। ଭାଷା ବିଜ୍ଞାନୀ ଡ଼. ଦେବାଶିଷ ମହାପାତ୍ର ଏଥିରେ ସଂଯୋଜନା କରିଥିଲେ।

# ତଦନ୍ତ କରିବ ମଙ୍ଗଳାବାଗ ପୋଲିସ

**କଟକ ଅଫିସ,୧୦।୯**

**ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ମାମଲା**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଧୀନ ପଙ୍କପାଳ ଗ୍ରାମର ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ମାମଲାରେ ନୂଆ ମୋଡ ଆସିଛି। ଏନେଇ କୁଜଙ୍ଗ ଥାନାରେ ମାମଲା ରୁଜୁ ହୋଇଥିଲା। ତେବେ ଏହି ମାମଲା ମଙ୍ଗଳାବାଗ ଥାନାକୁ ସ୍ଥାନାନ୍ତର ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ. ୨୨୧/୨୧) ରୁଜୁ କରିଛି। ଖୁବ୍‌ଶୀଘ୍ର ମଙ୍ଗଳାବାଗ ପୋଲିସ ଏହି ଘଟଣାର ତଦନ୍ତ କରିବ। କଟକ ଏସ୍‌ସିବିରୁ ଡିସଚାର୍ଜ ହେବାପରେ ସେ କେଉଁ ପରିସ୍ଥିତିରେ ଓ କାହା ସହ ଭୁବନେଶ୍ୱର ଯାଇଥିଲେ। ସିସିଟିଭି ଫୁଟେଜ ଯାଞ୍ଚ ସହ ସମସ୍ତ ଦିଗକୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଥାନା ଅଧିକାରୀ ଅମିତାଭ ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଦୁଷ୍ମନ୍ତ ବୁଧବାର ବିଧାନସଭା ନିକଟରେ ବିଷ ପିଇବା ସହ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ରାତାରାତି ମୃତଦେହ ବ୍ୟବଚ୍ଛେଦ କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

# ବିଧାୟକଙ୍କୁ ଧରିବାକୁ ୩ ଟିମ୍

**ଖୋର୍ଦ୍ଧା ଅଫିସ,୧୦।୯**

ଭାଜପା ନେତା ନିରଞ୍ଜନ ସେଠୀଙ୍କୁ ବାଲୁଗାଁ ଏନ୍‌ଏସି ଆଗରେ ମାଡ଼ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ବିବାଦକୁ ଆସିଥିବା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ଅଡୁଆ ବଢ଼ିବାରେ ଲାଗିଛି। ତାଙ୍କୁ ଗିରଫ କରିବା ପାଇଁ ଭାଜପା ଦାବି କରିଛି। ଏନେଇ ଖୋର୍ଦ୍ଧା ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଖୋର୍ଦ୍ଧା ପୋଲିସ ପକ୍ଷରୁ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏଥିରେ ଜିଲାସ୍ତରର ସମସ୍ତ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଏକ ୩ଜଣିଆ ଟିମ୍ ଭୁବନେଶ୍ୱର, ବାଲୁଗାଁ ଏବଂ ଅନ୍ୟ ସ୍ଥାନରେ ଚଢାଉ ଜାରି ରଖିଛି। ଅନ୍ୟପଟେ ବିଧାୟକ ଜଗଦେବ ହାଇକୋର୍ଟରୁ ଜାମିନ ଆଣିବା ଲାଗି ଯୋଜନା କରୁଥିବା ଜଣାପଡିଛି। ଗତ ଦୁଇଦିନ ହେବ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଗୁରୁବାର ଅପରାହ୍ନରେ ବାଲୁଗାଁ ପୋଲିସ ତାଙ୍କ ସରକାରୀ କ୍ୱାର୍ଟର୍ସରେ ଚଢ଼ଉ କରିଥିଲା। ହେଲେ ତାଙ୍କୁ ସେଠାରେ ନ ପାଇ ଖାଲି ହାତରେ ଫେରିଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ବିଧାୟକଙ୍କୁ ତୁରନ୍ତ ଗିରଫ କରାନଗଲେ ଏସ୍‌ପି ଅଫିସ ଘେରାଉ କରାଯିବ ବୋଲି ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି।

# କୁଶଭଦ୍ରାରେ ପ୍ରସ୍ତାବିତ ବ୍ୟାରେଜ ସ୍ଥାନାନ୍ତର ଦାବି

**କାକଟପୁର,୧୦।୯(ଡି.ଏନ୍.ଏ.):**

ଭୁବନେଶ୍ୱର ଉପକଣ୍ଠ କୁଆଖାଇ ସେତୁକୁ ଲାଗି ଭାର୍ଗବୀ ଓ କୁଶଭଦ୍ରା ନଦୀ ଉପରେ ଦୁଇଟି ବ୍ୟାରେଜ ନିର୍ମାଣ କରିବାକୁ ସରକାରଙ୍କ ପ୍ରସ୍ତାବ ରହିଛି। ଏହି କାର୍ଯ୍ୟ ବର୍ତ୍ତମାନ ଡିଜାଇନ ଅବସ୍ଥାରେ ରହିଛି। ତେବେ କୁଶଭଦ୍ରା ଉପରେ ହେବାକୁ ଥିବା ବ୍ୟାରେଜକୁ ବିରୋଧ କରି ସ୍ଥାନାନ୍ତର ନିମନ୍ତେ ପ୍ରାଚୀ ପରିକ୍ରମା ସଙ୍ଗଠନ, ପ୍ରାଚୀ ସୁରକ୍ଷା ସମିତି ଏବଂ ପ୍ରାଚୀ ପ୍ରଜ୍ଞା ପରିଷଦ ପକ୍ଷରୁ ଦାବି କରାଯାଇଛି। ଉଲ୍ଲେଖଯୋଗ୍ୟ, ଜଳସେଚନ ଓ ଡ୍ରେନେଜ ବିଭାଗ ମୁଖ୍ୟଯନ୍ତ୍ରୀଙ୍କୁ ବିଭାଗୀୟ ସଚିବ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି କରି ଘଟଣାସ୍ଥଳ ବୁଲି ଏକ ପ୍ରସ୍ତାବ ସରକାରଙ୍କୁ ଦେବାକୁ ୨୦୨୦ ନଭେମ୍ବର ୨୭ରେ ଭିଡିଓ କନଫରେନ୍ସ ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ। ଏ ସଂକ୍ରାନ୍ତ ରିପୋର୍ଟ ଜଳସେଚନ ବିଭାଗ ସ୍ୱତନ୍ତ୍ର ସଚିବଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲେ ମଧ୍ୟ ଏଯାବତ କୌଣସି ପଦକ୍ଷେପ ନିଆଯାଇ ନାହିଁ। କିନ୍ତୁ ପ୍ରାଚୀ ସ୍ୱାର୍ଥକୁ ଅଣଦେଖା କରି ବ୍ୟାରେଜ ଡିଜାଇନ ଆରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକୁ ବିରୋଧ କରି ପ୍ରାଚୀ ପ୍ରଜ୍ଞା ପରିଷଦର ଏକ ପ୍ରତିନିଧି ଦଳ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଭେଟିଥିଲେ। କୁଶଭଦ୍ରା ଉପରେ ପ୍ରସ୍ତାବିତ ବ୍ୟାରେଜକୁ କୁଆଖାଇ ସେତୁଠାରୁ ଦେଢ଼ କିଲୋମିଟର ତଳ ରାମଚନ୍ଦ୍ରପୁରରେ କରାଗଲେ ଉକ୍ତ କାଜ ଦେଇ ପ୍ରାଚୀରେ ଜଳପ୍ରବାହ ହେବ। ଯଦି ସର୍ବୋଚ୍ଚ ଯନ୍ତ୍ରୀ ଉକ୍ତ ବ୍ୟାରେଜକୁ ନିମ୍ନଭାଗକୁ ସ୍ଥାନାନ୍ତର ନ କରନ୍ତି, ତେବେ ନଦୀ ସୁରକ୍ଷା ସମିତି, ଓଡିଶା ତରଫରୁ ସର୍ବଭାରତୀୟ କମିଟି ଦ୍ୱାରସ୍ଥ ହେବ ବୋଲି ପ୍ରତିନିଧି ଦଳର ପ୍ରମୁଖ ଇଂ. ଜଗବନ୍ଧୁ ଷଡ଼ଙ୍ଗୀ, ଅଶ୍ୱିନୀ ମହାପାତ୍ର ଏବଂ ଇଂ. ଦୁର୍ଗାଚରଣ ମିଶ୍ର ପ୍ରମୁଖ କହିଛନ୍ତି।





ଭୁବନେଶ୍ୱର ୟୁନିଟ୍-୮ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ର ଗଣେଶଙ୍କୁ ପୂଜାର୍ଚ୍ଚନା କରୁଛନ୍ତି।



ଭୁବନେଶ୍ୱରସ୍ଥିତ ଭୀମ ଭୋଇ ସ୍କୁଲ ଫର୍ ଦି ବ୍ଲାଇଣ୍ଡଠାରେ ଗଣେଶ ପୂଜା।



ଭୁବନେଶ୍ୱର ୟୁନିଟ୍-୧ କ୍ୟାପିଟାଲ ବାଳକ ଉଚ୍ଚ ବିଦ୍ୟାଳୟରେ ଗଣେଶ ପୂଜା।

